## ସଂକ୍ଷେପରେ

### ଜଳିଗଲା ଟମାଟୋ ବୋଝେଇ ଟ୍ରକ



**ବସ୍ତା, ୨୪।୬(ସ୍ୱ.ପ୍ର.):** ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ଭେଲୋରା -ରାଜଘାଟ ମଝିରେ ଏକ ଟମାଟୋ ବୋଝେଇ ଟ୍ରକ ସୋମବାର ମଧ୍ୟାହ୍ନରେ ହଠାତ୍ ଜଳିଯାଇଥିବା ଜଣାପଡିଛି । ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏହି ଟ୍ରକ (ନଂ.ଡବ୍ଲ୍ୟୁବି -୪୧-୦୫୧୦)ରେ ନିଆଁ ଲାଗିଯାଇଥିବା ଦେଖି ଲୋକେ ଡ୍ରାଇଭରଙ୍କୁ ଜଣାଇଥିଲେ । ଫଳରେ ଡ୍ରାଇଭର ଓ ହେଲପର ତୁରନ୍ତ ଗାଡିକୁ ଅଟକାଇ ସେଥିରୁ ବାହାରି ଆସିଥିଲେ। ଧୀରେ ଧୀରେ ନିଆଁର ପ୍ରକୋପ ବଢି ଟ୍ରକ ଜଳିବାକୁ ଲାଗିଥିଲା। ଏ ନେଇ ଲୋକେ ବସ୍ତା ଦମକଳ ବାହିନୀକୁ ଖବର ଦେଇଥିଲେ। ବସ୍ତା ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଫଳରେ ଗାଡିରେ ଭର୍ତ୍ତି ଥିବା ବହୁ ବିଲାତି ପେଟି କ୍ଷତିରୁ ବଞ୍ଚି ଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ୨ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୨୪।୬(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ଗାଁରେ ଚଢାଉ କରାଯାଇ ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ବେଡେଇ ଗାଁର ଜଣେ ଚୋରା ବେପାରୀ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ବେପାରୀଙ୍କଠାରୁ ସମୁଦାୟ ୧୮୪ଲିଟର ଦେଶୀ ରନ୍ଧା ମହୁଲି ମଦ ଓ ହଜାରେ ଲିଟର ପୋଚ ଭର୍ତ୍ତି ଡ୍ରମ ଜବତ କରାଯାଇଛି। ଏ ନେଇ ବିଭାଗରେ ପିଆର୍ ମାମଲା (ନଂ. ୪୦/୧୯, ୪୧/୧୯ ଓ ୪୨/୧୯) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ ଏସ୍‌ଡିଜେଏମ କୋର୍ଟରେ ହାଜର କରାଯାଇଛି। ସେମାନେ ହେଲେ ପଣ୍ଡୁଆ ଗାଁର ବାପି ଖେରୱାଡ (୨୨) ଓ ସୋରିଷପାଳ ଗାଁର ସର୍ବେଶ୍ୱର ପାତ୍ର (୩୨)। ଜିଲା ଅଧୀକ୍ଷକ ରାଜେନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ସୋର ଅବକାରୀ ଉପନିରୀକ୍ଷକ କୁଳମଣି ମହାରଣା, ସହକାରୀ ଉପନିରୀକ୍ଷକ ଭାସ୍କର ଚନ୍ଦ୍ର ବେହେରା, ଚନ୍ଦ୍ରମୋହନ ସେଠୀଙ୍କ ସମେତ ନୀଳଗିରି ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଚଢାଉରେ ସାମିଲ ଥିଲେ ।

### ସୁନାଗହଣା ଲୁଟ୍ ଉଦ୍ୟମ, ୨ ଗିରଫ

**ବାଲିଆପାଳ, ୨୪।୬(ଡି.ଏନ.ଏ.):** ବାଲିଆପାଳ ଥାନା ନଇଘାଟି ଗ୍ରାମର ପ୍ରଫୁଲ୍ଲ କାମିଲା ଓ ଅମୂଲ୍ୟ କାମିଲା କାଳିପଦା ବଜାରଠାରେ ନିଜର ରାଜଲକ୍ଷ୍ମୀ ଜୁଏଲେରୀ ବନ୍ଦ କରି ସମସ୍ତ ସୁନାଗହଣା ଏକ ବ୍ୟାଗରେ ରଖି ରବିବାର ରାତିରେ ଫେରୁଥିବା ବେଳେ ଲୁଟ୍ ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ପଚରାଉଚୁରା କରିବା ପରେ ସୋମବାର କୋର୍ଟ ଚାଲାଣ କରିଛି ।

### ୨ ଏଟିଏମ୍ ଲୁଟେରା ଅଟକ

**ସିମୁଳିଆ, ୨୪।୬(ଡି.ଏନ.ଏ.):** ସିମୁଳିଆ ବ୍ଲକ ପାହିତୋରଣା ଅଞ୍ଚଳର ଶ୍ରୀଧର ବେହେରା ରବିବାର ବେତଡା ଅଞ୍ଚଳର ଏକ ଏଟିଏମ୍‌ରେ ଟଙ୍କା ଉଠାଇବା ପାଇଁ ଉଦ୍ୟମ କରୁଥିବା ବେଳେ ୨ଜଣ ଯୁବକ ତାଙ୍କ ନିକଟରେ ପହଞ୍ଚି ସହଯୋଗ କରିବା ଆଳରେ ତାଙ୍କ ଏଟିଏମ୍‌ର ପିନ୍‌କୋର୍ଡ ଜାଣିବା ସହିତ ଏଟିଏମ୍ ବଦଳ କରିଦେଇଥିଲେ। ପରେ ଶ୍ରୀଧରଙ୍କ ଆକାଉଣ୍ଟରୁ ୧୦ହଜାର ଟଙ୍କା ଉଠାଯାଇଥିବା ଜଣାପଡିଥିଲା। ଦୁର୍ବୃତ୍ତମାନେ ତାଙ୍କୁ ଜୟନ୍ତ କୁମାର ଜେନା ଲେଖାଥିବା ଅନ୍ୟ ଏକ କାର୍ଡ ଦେଇଥିଲେ। ସେହିପରି ଉକ୍ତ ଦୁଇ ଦୁର୍ବୃତ୍ତ ମାର୍କୋଣା ଷ୍ଟେଟବ୍ୟାଙ୍କରେ ପହଞ୍ଚି ଉମାକାନ୍ତଙ୍କ ବେହେରାଙ୍କ ଏଟିଏମ୍ ହାତେଇ ତାଙ୍କୁ ସର୍ବେଶ୍ୱର ବେହେରା ଲେଖା ଥିବା ଅନ୍ୟଏକ ଏଟିଏମ୍ କାର୍ଡ ଦେଇ ଫେରାର ହୋଇଯାଇଥିଲେ । ସେ ସଙ୍ଗେ ସଙ୍ଗେ କଷ୍ଟମର କେୟାରକୁ ଫୋନ ଲଗାଇବା ପରେ ଜାମୁଝାଡିରେ ଏହି ଦୁର୍ବୃତ୍ତମାନେ ଟଙ୍କା ଉଠାଉଥିବା ସୂଚନା ପାଇ ଉମାକାନ୍ତ ଚଢାଉ କରିବା ପରେ ଦୁର୍ବୃତ୍ତମାନେ ଧରାପଡିଥିଲେ ।

# ସ୍ଥିତି ବଦଳୁଛି, କମୁଛି ଦେଶୀ ମାଛ ଉତ୍ପାଦନ

**ବାଲିଆପାଳ, ୨୪।୬(ଡି.ଏନ.ଏ.)**



ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳ ଏକଦା ପାନ, ମୀନ ଓ ଧାନ ପାଇଁ ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିଲା। ଏବେ ମାଛ ଉତ୍ପାଦନ ହ୍ରାସ ଯୋଗୁ ସ୍ଥିତିରେ ପରିବର୍ତ୍ତନ ଦେଖାଦେଇଛି। ବେପାରୀମାନେ ବାହାରୁ ମାଛ ଆଣି ବିକ୍ରି କରୁଛନ୍ତି। ଅଞ୍ଚଳରୁ ଯାହା କିଛି ଦେଶୀ ମାଛ ଉତ୍ପାଦନ ହେଉଛି ବାହାରୁ ଆମଦାନୀ ହେଉଥିବା ମାଛ ଗହଣରେ ହଜିଯାଉଛି। ବେପାରୀମାନେ ବାହାରୁ ଆଣୁଥିବା ଏବଂ ଚିଙ୍ଗୁଡି ଝିଲ୍ଲିରୁ ଧରା ଯାଉଥିବା ମାଛକୁ ଦେଶୀ ମାଛ କହି ଚଢା ଦରରେ ବିକୁଛନ୍ତି। ସାଧାରଣ ଖାଉଟିମାନେ ଏଥିଲାଗି ଠକେଇର ଶିକାର ହେଉଛନ୍ତି। ମାଛ ଆମଦାନୀ ଓ ରପ୍ତାନି ନେଇ ସରକାରୀ ସ୍ତରରେ ସ୍ପଷ୍ଟ ନୀତି ନ ଥିବାରୁ ମାଛ ଚାଷୀ ନିରୁତ୍ସାହିତ ହୋଇଛନ୍ତି। ଏହି ଅଞ୍ଚଳରେ ଗଢି ଉଠୁଥିବା ବେଆଇନ ଚିଙ୍ଗୁଡି ଝିଲ୍ଲି ଯୋଗୁ ପରିବେଶ ପ୍ରଦୂଷିତ ହେଉଥିଲେ ବି ଏହାକୁ ନିୟନ୍ତ୍ରଣ କରାଯାଉନାହିଁ।

ବାଲିଆପାଳର ମଦନ ମହାନ୍ତି, ସୃଷ୍ଟିଧର ରାଉତ, ଜୟନ୍ତ ପାଣିଗ୍ରାହୀ, ଶୁକଦେବ ମହାନ୍ତି, ନଳିନୀ ଦତ୍ତ, ଭୃଗୁରାମ ଜେନା, ଆରତୀ ଦାସ, ପ୍ରଭାବତୀ କର, ଦୀପଙ୍କର ଜେନା ପ୍ରମୁଖ ଏଭଳି ଅଭିଯୋଗ କରି କହିଛନ୍ତି ଯେ, ବାଲିଆପାଳ ଅଞ୍ଚଳରୁ ଉତ୍ପାଦନ ହେଉଥିବା ଦେଶୀ ମାଛର ସ୍ୱାଦ ନିଆରା। ବାହାର ଅଞ୍ଚଳରୁ ଆଣି ବଜାରରେ ବିକାଯାଉଥିବା ମାଛ ଖାଇବାକୁ ସେଭଳି ସ୍ୱାଦିଷ୍ଟ ହେଉନାହିଁ। ପୂର୍ବରୁ ସ୍ଥାନୀୟ ହାଟ ବଜାର ସମେତ ଗ୍ରାମାଞ୍ଚଳରେ ପ୍ରଚୁର ଦେଶୀ ଭାକୁର ଓ ରୋହି ମାଛ ମିଳୁଥିଲା। ଏବେ ତାହା ଦୁର୍ଲଭ ହେଲାଣି। ବେପାରୀମାନେ ପ୍ରତିଦିନ ଆନ୍ଧ୍ର ଓ ପଶ୍ଚିମବଙ୍ଗ ରାଜ୍ୟରୁ ଟ୍ରକ ଓ ପିକଅପରେ ମାଛ ଆଣି ବିକୁଛନ୍ତି। ଆଗରୁ ବରଫ ପ୍ୟାକିଂ ହୋଇ ବାହାରୁ ମାଛ ଆସୁଥିବାରୁ ଏହାକୁ ବରଫଦିଆ ମାଛ କୁହାଯାଉଥିଲା। ବର୍ତ୍ତମାନ ବେପାରୀମାନେ ବାହାରୁ ପାଣିକୁଣ୍ଡରେ ଜିଅନ୍ତା ମାଛ ଆଣି ବିକୁଥିବାରୁ ଦେଶୀ ଓ ବାହାରୁ ଆମଦାନୀ ହେଉଥିବା ମାଛକୁ ଚିହ୍ନଟ କରିବା ସହଜ ହେଉନାହିଁ। ବେପାରୀମାନେ ବାହାରୁ ଆଣୁଥିବା ମାଛକୁ ଦେଶୀ ମାଛ କହି ଚଢାଦରରେ ବିକୁଥିବାରୁ ଖାଉଟିମାନେ ଠକେଇର ଶିକାର ହେଉଛନ୍ତି।

ଏ ଅଞ୍ଚଳରେ ଗାଡିଆ ଓ ପୋଖରୀରେ ମାଛ ଚାଷ କରୁଥିବା ଚାଷୀ କହିଛନ୍ତି ଯେ, ସରକାରୀ ପ୍ରୋତ୍ସାହନ ଓ ବଜାର ସୁବିଧା ଅଭାବ ଯୋଗୁ ସେମାନେ ମାଛଚାଷ ଛାଡିବାକୁ ବସିଲେଣି। ଏକଦା ସୁବର୍ଣ୍ଣରେଖା ମୁହାଣରୁ ଭେକେଟି, ଆଞ୍ଜି, ଗୁଛିଆ, ଆଡି, ଶଙ୍ଖା ଓ ଇଲିଶି ସମେତ ବିଭିନ୍ନ ମାଛ ଯାଆଁଳ ମିଳୁଥିଲା। ଧୀବରମାନେ ଏସବୁ ମାଛ ଧରି ବାହାରକୁ ରପ୍ତାନି କରୁଥିଲେ । ଆଗଭଳି ଏହି ମାଛ ଆଉ ମିଳୁନାହାନ୍ତି। ଏବେ ବିଭିନ୍ନ ହ୍ୟାଚେରୀରେ କୃତ୍ରିମ ପ୍ରଜନନ ପଦ୍ଧତିରେ ମାଛ ଯାଆଁଳ ସୃଷ୍ଟି କରାଯାଇ ବଜାରରେ ବିକା ଯାଉଛି। ଏଭଳି ମାଛ ଆଣି ଚାଷ କଲେ ତାହା ଖାଇବାକୁ ସ୍ୱାଦିଷ୍ଟ ହେଉନାହିଁ । ସେହିପରି ବର୍ତ୍ତମାନ ଏ ଅଞ୍ଚଳରେ ଲୁଣି ଜଳ ଚିଙ୍ଗୁଡି ଚାଷ ବୃଦ୍ଧି ପାଇଛି। କେତେକ ଚାଷୀ ସମୁଦ୍ର ମୁହାଣରୁ ଭେକେଟି, ଆଞ୍ଜି, ଗୁଛିଆ, ଆଡି, ଶଙ୍ଖା, ଇଲିଶି ଯାଆଁଳ ଧରି ଆଣି ଝିଲ୍ଲିରେ ଚାଷ କରୁଛନ୍ତି । ଅଳ୍ପ ସମୟରେ ମାଛ ବଢିବା ପାଇଁ ସେମାନେ କୃତ୍ରିମ ମାଛ ଖାଦ୍ୟ ଓ ଔଷଧ ବ୍ୟବହାର କରୁଥିବାରୁ ଏଭଳି ମାଛ କିଣି ଖାଇଲେ କିଛି ସ୍ୱାଦ ବାରି ହେଉନାହିଁ। ବଜାରରେ ମିଳୁଥିବା ଲୁଣି ମାଛ ସମୁଦ୍ରରୁ ଆସିଛି କି ଝିଲ୍ଲିରୁ ଧରା ହୋଇଛି ତାହା ଜାଣିବା ସହଜ ହେଉନାହିଁ। ଝିଲ୍ଲି ମାଲିକମାନଙ୍କ ଉପରେ ପ୍ରଶାସନ ଆଙ୍କୁଶ ଜାରି କରିବା ସହ ମାଛ ଆମଦାନୀ ଓ ରପ୍ତାନି ନୀତି ଧାର୍ଯ୍ୟ କରିବାକୁ ଚାଷୀମାନେ ଦାବି କରିଛନ୍ତି।



ବିଧାୟକ ନାଳ ସଫେଇ କାର୍ଯ୍ୟର ତଦାରଖ କରୁଛନ୍ତି।

## ମହାନାଳ ସଫେଇ କାର୍ଯ୍ୟ ତଦାରଖ

**ବାଲେଶ୍ୱର ଅଫିସ, ୨୪।୬**

ବାଲେଶ୍ୱର ସହରରେ ମହାନାଳ ସମେତ ବିଭିନ୍ନ ନାଳଗୁଡ଼ିକ ପୋତି ହୋଇଯାଇଥିବାରୁ ବର୍ଷା ହେବାମାତ୍ରେ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥାଏ। ଏହାକୁ ନେଇ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାର ସମାଧାନ ପାଇଁ ସହରବାସୀ ବାରମ୍ବାର ପୌରାଞ୍ଚଳ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଆସୁଥିଲେ। ଏପରିକି ନବନିର୍ବାଚିତ ବିଧାୟକ ମଦନମୋହନ ଦତ୍ତଙ୍କୁ ମଧ୍ୟ ଅବଗତ କରାଇଥିଲେ। ବର୍ଷା ଋତୁ ଆଗକୁ ଆସୁଥିବାରୁ ବିଧାୟକ ଦତ୍ତ ମହାନାଳଗୁଡିକ ସଫା ହେବା ନିହାତି ଆବଶ୍ୟକ ଥିବା ଉପଲବ୍ଧି କରି ପୌରପାଳିକା ନିର୍ବାହୀଯନ୍ତ୍ରୀଙ୍କୁ ଭେଟି ଖୁବ୍‌ଶୀଘ୍ର ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ ।

ଏହି ପରିପ୍ରେକ୍ଷୀରେ ବିଧାୟକ ସୋମବାର ସହରର ମହାନାଳ ସଫେଇ କାର୍ଯ୍ୟକୁ ତଦାରଖ କରିଛନ୍ତି। ସମ୍ପୃକ୍ତ କାର୍ଯ୍ୟ ମୌସୁମୀ ଆସିବା ପୂର୍ବରୁ ଶେଷ କରିବା ପାଇଁ ପୌରପାଳିକା ନିର୍ବାହୀଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପୂର୍ବରୁ ସହର ରାସ୍ତା ଓ କଲଭର୍ଟଗୁଡିକର ସ୍ଥିତିକୁ ନିଜେ ବୁଲି ସମୀକ୍ଷା କରିବା ସହ ଏହାର ଏକ ରିପୋର୍ଟ ଜିଲାପାଳ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ବର୍ଷାଦିନରେ ସହରରେ କୃତ୍ରିମ ବର୍ଷା ନ ହେବା ପାଇଁ ମିଳିତ ଉଦ୍ୟମ ଆବଶ୍ୟକତା ରହିଛି। ସହରରେ ସମ୍ପୂର୍ଣ୍ଣ ୩୫ କି.ମି. ମହାନାଳ ସଫେଇ କରାଯିବାର ବ୍ୟବସ୍ଥା ହୋଇଛି ବୋଲି ପୌରପାଳିକାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ସୁଜିତ ଦେବ, ଯୋଗେନ ରଣା, ରାଧାକାନ୍ତ ଦାସ, ଗଙ୍ଗାଧର ରାଉତ, ସର୍ବେଶ୍ୱର ପାତ୍ର, ପିଙ୍କି ପ୍ରଧାନ, ଶ୍ରୀୟା ଦାସ, ରଣଜିତ୍ ପୃଷ୍ଟି, ବିକାଶ ପାଢୀ, ବିବେକ ମହାନ୍ତି, ଧୀରଜ ମହାନ୍ତି, ଅରୂପ ଜେନା, ସେକ୍ ଅଫଜଲ ଓ ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଖଇରା ଗାନ୍ଧୀଙ୍କ ଜୟନ୍ତୀ

**ଖଇରା,୨୪।୬(ଡି.ଏନ.ଏ.)**

ଖଇରା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ୧୦୯ତମ ଜୟନ୍ତୀ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ଖଇରାଠାରେ ସୋମବାର ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୈଳାସ ଚନ୍ଦ୍ର ପୃଷ୍ଟି ଯୋଗଦେଇ ପଣ୍ଡାଙ୍କ ନିଶାମୁକ୍ତି ଅଭିଯାନ, ବଳିପ୍ରଥା ଉଚ୍ଛେଦ ବିଷୟରେ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ପୁତ୍ର ଗହନବିହାରୀ ପଣ୍ଡା, ମଣିଭଦ୍ର ମହାନ୍ତି, ଅଭିରାମ ମହାପାତ୍ର, ବିଭୁତିଭୂଷଣ ତ୍ରିପାଠୀ, ଅଲେଖ ଚନ୍ଦ୍ର ନାୟକ, ହରେକୃଷ୍ଣ ଦାସ, ବସନ୍ତ କୁମାର ଦାସ, ବୁଦ୍ଧିରାମ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ଜେନା, ନରେନ୍ଦ୍ର ଲେଙ୍କା, ଦେବେନ୍ଦ୍ର କୁମାର ରାଉତ ଓ ମାୟାଧର ନାୟକ ପ୍ରମୁଖ ଉପସ୍ଥିତ ହୋଇ ସ୍ୱର୍ଗତ ଗାନ୍ଧୀବାଦୀ ନେତାଙ୍କର ନିଜ ହାତରେ ସୂତାକାଟି ଲୁଗା ପିନ୍ଧିବା ନୀତି, କୁସଂସ୍କାର, ଅନ୍ଧବିଶ୍ୱାସ ନିବୃତ୍ତ ରହିବାକୁ ସମସ୍ତଙ୍କୁ ପ୍ରବର୍ତ୍ତାଇବା ଗୁଣ ଉପରେ ଆଲୋକପାତ କରିଥିଲେ। ତାଙ୍କର ସମସ୍ତ କାର୍ଯକୁ ସୁଚାରୁରୂପେ ପରିଚାଳନା ପାଇଁ 'ଖଇରା ଗାନ୍ଧୀ ସ୍ମୃତି କମିଟି' ନାମରେ ଏକ କମିଟି ଗଠନ କରାଯାଇଥିଲା ଏହି କମିଟି ସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ସମ୍ପାଦକ ଉମେଶ ଚନ୍ଦ୍ର ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶେଷରେ ଅଲେଖ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

## ମୋବାଇଲ ଟାୱାରରୁ ଚୋରି ଭ୍ୟାନ୍ ସହ ଚାଳକ ଅଟକ



**ସିମୁଳିଆ, ୨୪।୬(ଡି.ଏନ.ଏ.)**

ସିମୁଳିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଲଗାତର ଚୋରି ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ରବିବାର ବିଳମ୍ବିତ ରାତିରେ ମଇତାପୁର ଅଞ୍ଚଳରୁ ଦୁର୍ବୃତ୍ତମାନେ ମୋବାଇଲ ଟାୱାର ବ୍ୟାଟେରି ଓ ବିଭିନ୍ନ ସରଞ୍ଜାମ ଚୋରି କରି ଖସିଯିବାକୁ ଉଦ୍ୟମ କରି ସ୍ଥାନୀୟ ଲୋକଙ୍କ ହାତରେ ଧରାପଡିଛନ୍ତି। ଦୁର୍ବୃତ୍ତମାନେ ଚୋରି ସରଞ୍ଜାମଗୁଡ଼ିକୁ ନେବା ପାଇଁ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି ୨୨ଏଲ୍ ୪୪୪୦) ଆଣିଥିବା ବେଳେ କାଦୁଅରେ ଫସିଯାଇଥିଲା। ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ପିକ୍‌ଅପ୍ ଭ୍ୟାନ୍ ସହିତ ଏହାର ଚାଳକଙ୍କୁ କାବୁକରି ପୋଲିସକୁ ସୂଚନା ଦେଇଥିଲେ।

## ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି ।

**ବାଲେଶ୍ୱର ଅଫିସ, ୨୪।୬**

ବାଲେଶ୍ୱରର ପୂର୍ବତନ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଜିଲା ପ୍ରଶାସନ ପକ୍ଷରୁ ରବିବାର ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉତ୍ସବରେ ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ରହି ଜିଲାପାଳଙ୍କର ଦେଢବର୍ଷ କାର୍ଯ୍ୟକାଳ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲାରେ ୨୦୧୯ ସାଧାରଣ ନିର୍ବାଚନକୁ ଯେଭଳି ଭାବେ ପରିଚାଳନା କରାଗଲା ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।

ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋରକୁମାର ବିଦାୟୀ ଜିଲାପାଳ ରାଉତଙ୍କ ଦୀର୍ଘ ବର୍ଷର ଅଭିଜ୍ଞତା ଜିଲାର ସାମଗ୍ରିକ ବିକାଶ ପାଇଁ ସହାୟକ ହୋଇପାରିଥିଲା ବୋଲି କହିଥିଲେ ।ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ପ୍ରାରମ୍ଭିକ ଅଭିଭାଷଣରେ ଜଣେ ଦରଦୀ ପ୍ରଶାସକ ଭାବେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ମତ ରଖିଥିଲେ । ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଉପଜିଲାପାଳ ନୀଲୁ ମହାପାତ୍ର ବିଦାୟୀ ଜିଲାପାଳ ରାଉତଙ୍କ କାର୍ଯ୍ୟଧାରାକୁ ଉଚ୍ଚପ୍ରଶଂସା କରିଥିଲେ। ଶନିବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକଙ୍କୁ ବିଦାୟୀ ଜିଲାପାଳ ରାଉତ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ରବିବାର ସନ୍ଧ୍ୟାରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ନିଜର ଅନୁଭୂତି ସମ୍ପର୍କରେ କହିଥିଲେ। ଭବିଷ୍ୟତରେ ଏଭଳି କାର୍ଯ୍ୟଧାରାକୁ ବଜାୟ ରଖି ଜିଲାର ପ୍ରଗତିକୁ ପ୍ରାଥମିକତା ଦେବାକୁ ସେ ଆହ୍ୱାନ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସର୍ବେଶ୍ୱର ସିଂ, ଜିଲା ଶିଳ୍ପାଞ୍ଚଳ ସାଧାରଣ ପରିଚାଳକ ହରିହର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ତାଙ୍କୁ ବିଭିନ୍ନ କାର୍ଯ୍ୟାଳୟ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ପୁଷ୍ପଗୁଚ୍ଛ ଦିଆଯାଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସେହିପରି ଜିଲା କଲେକ୍ଟରୀ କର୍ମଚାରୀ ସଂଘ ତରଫରୁ ସୋମବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଅନୁରୂପ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## 'ଆମ ଗାଁ ଆମ ବିକାଶ' ଯୋଜନାରେ ଅନିୟମିତତା

**ବାହାନଗା, ୨୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ 'ଆମ ଗାଁ ଆମ ବିକାଶ' ଯୋଜନାରେ ଆସୁଥିବା ଅର୍ଥ ଖର୍ଚ୍ଚରେ ଅନିୟମିତତା ହେବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଏ ନେଇ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ଟଣାଓଟରା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ବେଆଇନ ବିଲ୍ କରି ସରକାରୀ ଅର୍ଥ ହଡପ ହେଉଥିବା ସମ୍ପର୍କରେ ସେକ୍ସନ ଅଫିସର କୈଳାସ ଚନ୍ଦ୍ର ବେହେରା ଅତିରିକ୍ତ ଜିଲାପାଳଙ୍କଠାରେ ଅଭିଯୋଗ କରିବା ପରେ ପ୍ରଶାସନିକ ସ୍ତରରେ ଏହାକୁ ନେଇ ଖୋଳତାଡ ଆରମ୍ଭ ହୋଇଛି। ଗତ ଏପ୍ରିଲ୍ ମାସରେ ହେଉଥିବା କାମରେ ଅନିୟମିତତା ହୋଇଥିବା ଏବଂ ୨ଜଣ କର୍ମଚାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ସେମାନେ ଏହି କାମ ନ କରି ଅନ୍ୟ ଜଣେ ଅଧିକାରୀ ଏହି କାମ କରାଇ ଟଙ୍କା ଉଠାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହ ବେଆଇନ ଭାବେ ବିଲ୍ କରି ସରକାରୀ ଅର୍ଥ ହଡପ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଡିଓ ନିରଞ୍ଜନ ତ୍ରିପାଠୀ ସମ୍ପୃକ୍ତ ଜଣେ କର୍ମଚାରୀଙ୍କୁ ଚିଠି ନମ୍ବର ୧୧୯୮ରେ ତା ୯।୫।୨୦୧୯ ରିଖରେ କାରଣ ଦର୍ଶାଅ ନୋଟିସ କରିଥିବା ଜଣାପଡିଛି। ଏ ବିଷୟରେ ବିଡିଓ ତ୍ରିପାଠୀଙ୍କୁ ପଚାରିବାରୁ କହିଛନ୍ତି, ଅଭିଯୋଗର ତଦନ୍ତ କରାଯାଉଛି। ଏ ନେଇ ସମ୍ପୃକ୍ତ ଷ୍ଟାଫ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଣିକି କର୍ମଚାରୀଙ୍କ ନାମରେ କାର୍ଯ୍ୟାଦେଶ ନ ଦେଇ କନିଷ୍ଠଯନ୍ତ୍ରୀଙ୍କ ନାମରେ ଦିଆଯିବ ବୋଲି ସେ କହିଛନ୍ତି।

**ବାହାନଗା ବ୍ଲକ**
- କର୍ମଚାରୀଙ୍କ ମଧ୍ୟରେ ଟଣାଓଟରା
- ବିଡିଓଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍

## ପୋଷ୍ଟ ଅଫିସ୍‌ରେ ଲକ୍ଷାଧିକ ଟଙ୍କା ହଡ଼ପ

**ସୋର, ୨୪।୬(ଡି.ଏନ.ଏ.)**

ସୋର ବ୍ଲକ ଅଧୀନ କେଦାରପୁର ପୋଷ୍ଟ ଅଫିସରେ ଜମାକାରୀଙ୍କ ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଥିବା ନେଇ ଥାନା ଓ ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ତଦନ୍ତକାରୀ ଅଧିକାରୀ ସୋମବାର ତଦନ୍ତ ପାଇଁ ଯାଇଥିବା ବେଳେ ଜମାକାରୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଲୋକେ ଉତ୍ତ୍ୟକ୍ତ ହୋଇ ଅଧିକାରୀଙ୍କୁ ପୋଷ୍ଟ ଅଫିସ୍‌ରେ ତାଲା ପକାଇ ଦେଇଥିଲେ। ସୋର ପୋଲିସ ପହଞ୍ଚି ଅଟକ ଅଧିକାରୀଙ୍କୁ ଉଦ୍ଧାର କରିଥିଲେ। ଏହି ପୋଷ୍ଟ ଅଫିସ୍‌ରେ କାର୍ଯ୍ୟରତ ପୋଷ୍ଟମାଷ୍ଟର ଜମାକାରୀଙ୍କଠାରୁ ଜମା ଟଙ୍କା ନେଇ ନିଜ ପାଖରେ ରଖୁଥିଲେ। ଏହି ଉପାୟରେ ପ୍ରାୟ ୨୫ରୁ ୩୦ ଲକ୍ଷ ଟଙ୍କା ହଡପ କରିଥିବା ଅନୁମାନ କରାଯାଉଛି। ସେ ଦୀର୍ଘଦିନ ହେଲା ଜମାକାରୀଙ୍କୁ ଜମା ଖାତା ନ ଦେବା ସହ ବିଭିନ୍ନ ଆଳରେ ନିୟମିତ ପୋଷ୍ଟ ଅଫିସ୍‌କୁ ଆସୁ ନ ଥିବା କାରଣରୁ ଜମାକାରୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିଲା। ଜମାକାରୀମାନେ ବହି ନେବା ପାଇଁ ଜିଦ୍ ଧରିବାରୁ ସେ ଗତ କିଛି ଦିନ ପୂର୍ବରୁ ଫେରାର ହୋଇଥିଲେ। ଏନେଇ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଚାଲୁ ରଖିଛି।

## ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

**ସଜନାଗଡ, ୨୪।୬(ଡି.ଏନ.ଏ.)**

ନୀଳଗିରି ବ୍ଲକର ତେଲିପାଳ ପଞ୍ଚାୟତରେ ସୋମବାର ଶତାଧିକ ବିଜେଡି କର୍ମୀ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଭାଜପାର ଯୁବନେତା ଉପେନ୍ଦ୍ର ଦାଶଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନୀଳଗିରିର ବିଧାୟକ ଇଂ ସୁକାନ୍ତ କୁମାର ନାୟକ, କୁଳମଣି ନାୟକ, ଆରବନ୍ଧ ସମିତିସଭ୍ୟ ଅର୍ଜୁନ ମାରାଣ୍ଡି, ଛତ୍ରପୁରର ଯୁବନେତା ଗଣେଶ ପାଣିଗ୍ରାହୀ, ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ନୀଳଗିରିର ବିକାଶ ଓ ବିଶ୍ୱାସକୁ ସେ ପ୍ରାଧାନ୍ୟ ଦେବେ।

### ନିମ୍ନମାନର ଡାଇଭର୍ସନ ରୋଡ୍

## ବର୍ଷେ ହେଲା ସରୁନି ପୋଲ ନିର୍ମାଣ

**ରୂପସା, ୨୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକର ଗାନ୍ଧୀ ଛକ-ବାଲିଆପାଳ ରାସ୍ତା ପେଜଗଳା ଚଟାଣଠାରେ ନିର୍ମାଣାଧୀନ ଲୋହାଇଟ ବ୍ରିଜ୍ କାମ ସମ୍ପୂର୍ଣ୍ଣ ହେଉ ନ ଥିବା ବେଳେ ଏପଟେ ଲୋକଙ୍କ ଯାତାୟାତ ପାଇଁ ହୋଇଥିବା ଡାଇଭର୍ସନ ରୋଡ ମଧ୍ୟ ନିମ୍ନମାନର ହୋଇଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ତା ପୂର୍ତ୍ତ ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ଏପରି ସମସ୍ୟା ଦେଖାଦେଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହି ଡାଇଭର୍ସନ ରୋଡରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି।

ପେଜଗଳା ଚଟାଣଠାରେ ଲୋହାଇଟ ବ୍ରିଜ ନିର୍ମାଣ ପାଇଁ ଆଜକୁ ବର୍ଷେ ହେଲା ତିଆରି ହେଇଥିବା ୩ କି.ମି. ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଡାଇଭର୍ସନ ରୋଡ଼ ନିର୍ମାଣ ପାଇଁ ପ୍ରକଳ୍ପରେ ଅର୍ଥ ଆସୁଛି ମାତ୍ର ଏହା କାମରେ ଲାଗୁନି। ରାସ୍ତା ସାରା ଅସଂଖ୍ୟ ଖାଲ ଆଉ ଢ଼ିପ। ବର୍ଷା ପରେ ଏହି ରାସ୍ତାରେ ଯିବା ନର୍କ ଯନ୍ତ୍ରଣା ସଦୃଶ। ବସ୍ତା ଓ ବାଲିଆପାଳ ବ୍ଲକକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାନବାହନ ଯାତାୟାତ କରିଥାଏ। ମାତ୍ର ଏହି ଡାଇଭର୍ସନ ରୋଡ଼ରେ ଠିକ୍ ଭାବେ ମେଟାଲ ଓ ମୋରମ ପକାଯାଇ ରୋଲିଂ ହେଉ ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ କେବଳ ବାଲି ଓ ନାମକୁମାତ୍ର ମୋରମ ପକାଯାଇ ଡାଇଭର୍ସନ ରୋଡ଼ ନିର୍ମାଣ କରାଯାଇଥିବା ବେଳେ ଆଦୌ ରୋଲିଂ କରାଯାଉନାହିଁ। ରାସ୍ତା ଉଚ୍ଚା ଓ ନୀଚା ହୋଇଥିବାରୁ ସାଇକେଲ ଓ ଅନ୍ୟାନ୍ୟ ଭାରିଯାନଗୁଡିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କେଉଁଠି ରାସ୍ତା ଉପରେ ମାଟି ତ କେଉଁଠି ବାଲି ପଡିଥିବା କୁହାଯାଇଛି। ଯେଉଁଥିପାଇଁ ଗତ କିଛିଦିନ ହେଲା ବର୍ଷା ପରେ ଅନେକ ଯାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଆଲୋକ ମହାନ୍ତିଙ୍କୁ ପଚରାଯିବାରୁ ଡାଇଭର୍ସନ ରୋଡ଼ ପାଇଁ ଏଷ୍ଟିମେଟରେ କୌଣସି ଅର୍ଥ ଆସେନାହିଁ, ମାତ୍ର ଲୋକେ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ବି ଧ୍ୟାନ ଦିଆଯିବ, ଏହି ସମସ୍ୟାର ସମାଧାନ ପାଇଁ ଏସ୍‌ଡ଼ିଓଙ୍କ ସହ କଥା ହେବେ ବୋଲି କହିଛନ୍ତି।



ନିର୍ମାଣାଧୀନ ବ୍ରିଜ୍।

## ଆଜି କ'ଣ କେଉଁଠି

ଭଦ୍ରକ

- ବହିମଣିଷ ଅକ୍ଷୟଙ୍କ ସ୍ମୃତିସନ୍ଧ୍ୟା, ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ- ଅପରାହ୍ନ ୫ ଘଟିକା।

# ଶିବଗଙ୍ଗା ପୁଷ୍କରିଣୀ ଏବେ ପ୍ରଦୂଷିତ

- ପୁନରୁଦ୍ଧାର କାର୍ଯ୍ୟ ସରିଥିଲେ ବି ହେଉନି ବୈତରଣୀର ଜଳପ୍ରବାହ
- ଦୂଷିତ ଜଳରେ ହୋଇପାରୁନି ଆଖଣ୍ଡଳମଣିଙ୍କ ସ୍ନାନ
- ପ୍ରଶାସନିକ ଅବହେଳା ନେଇ ସେବାୟତ, ଶ୍ରଦ୍ଧାଳୁ ଅସନ୍ତୁଷ୍ଟ

**ଆରଡି, ୨୪।୬, (ଡି.ଏନ.ଏ.)**

ଭଦ୍ରକ ଜିଲା ପ୍ରସିଦ୍ଧ ଶୈବପୀଠ ଆରଡିର ବିକାଶ ଯୋଜନା ଅଧୁରା ହୋଇ ରହିଛି। ବାବା ଆଖଣ୍ଡଳମଣିଙ୍କ ପୀଠକୁ ଲାଗି ରହିଥିବା ପବିତ୍ର ଶିବଗଙ୍ଗା ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ସରିଥିଲେ ମଧ୍ୟ ଏହାର ଜଳକୁ ଏଯାଏ ବ୍ୟବହାର ଉପଯୋଗୀ କରାଯାଇ ନାହିଁ। ପୂର୍ବରୁ ୧ କି.ମି. ଦୂରରେ ଥିବା ବୈତରଣୀ ନଦୀରୁ ଏକ ଶିବ ମାହାରା ଦେଇ ପୁଷ୍କରିଣୀକୁ ଜଳ ପ୍ରବାହ ବ୍ୟବସ୍ଥା ରହିଥିଲା। ଏଥି ସକାଶେ ଶିବଗଙ୍ଗା ପୁଷ୍କରିଣୀର ଜଳ ସ୍ୱଚ୍ଛ ଓ ନିର୍ମଳ ରହୁଥିଲା। କାଳକ୍ରମେ ପୁଷ୍କରିଣୀ ଓ ଏହାକୁ ସଂଯୋଗ କରୁଥିବା ମାହାରା ପୋତି ହୋଇପଡିବାରୁ ୨ ବର୍ଷ ତଳେ ଏହାର ସଂସ୍କାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାମଧ୍ୟରେ ପୁନରୁଦ୍ଧାର କାର୍ଯ୍ୟ ଶେଷ ହେଇଥିଲେ ମଧ୍ୟ ପୁଷ୍କରିଣୀକୁ ଜଳପ୍ରବାହ ବ୍ୟବସ୍ଥା ହୋଇପାରି ନାହିଁ। ଫଳରେ ଏହାର ଜଳ ପ୍ରଦୂଷିତ ହୋଇପଡିଛି। ଦୈନନ୍ଦିନ ବାବା ଆଖଣ୍ଡଳମଣିଙ୍କ ସ୍ନାନ ଓ ରନ୍ଧନ କାର୍ଯ୍ୟ ଲାଗି ଏହି ପବିତ୍ର ଶିବଗଙ୍ଗାର ଜଳ ଆଗରୁ ବ୍ୟବହାର କରାଯାଉଥିଲା । ବିଭିନ୍ନ ଅଞ୍ଚଳରୁ ପୀଠକୁ ଆସୁଥିବା ଭକ୍ତମାନେ ପଦ ପ୍ରକ୍ଷାଳନ କରି ଦିଅଁ ଦର୍ଶନ କରୁଥିଲେ। ମାନସିକ ରଖି ପୀଠରେ ମୁଣ୍ଡନ ହେଉଥିବା ପିଲାଙ୍କୁ ମଧ୍ୟ ସ୍ନାନ କରାଯାଉଥିଲା। ପୁଷ୍କରିଣୀର ଖନନ ତଥା ପୁନରୁଦ୍ଧାର କାର୍ଯ୍ୟ ମନ୍ଥର ଗତିରେ କରାଯିବାରୁ ମନ୍ଦିରର ପୂଜାନୀତିରେ ବାଧା ସୃଷ୍ଟି ହୋଇଥିଲା। ଗତ ଡିସେମ୍ବର ମାସରେ କାମ ଶେଷ ହୋଇଥିଲେ ବଧ ବୈତରଣୀ ନଦୀର ଜଳରାଶି ପୁଷ୍କରିଣୀକୁ ଆସିପାରୁ ନାହିଁ। ଶିବ ମାହାରାକୁ ଖନନ କାର୍ଯ୍ୟରେ ତ୍ରୁଟି ଥିବା ଯୋଗୁ କେତେକ ସ୍ଥାନରେ ଏହା ପୋତି ପଡିଥିବା କୁହାଯାଉଛି। ମନ୍ଦିର କର୍ତ୍ତୃପକ୍ଷ କେବଳ ବର୍ଷାଜଳକୁ ଆଶା ରଖିଛନ୍ତି। ଏଯାଏ ଭଲ ବର୍ଷା ହୋଇ ନ ଥିବାରୁ ପୁଷ୍କରିଣୀର ଜଳରାଶି କଳା ହୋଇଯାଇଛି। ସ୍ଥାନେ ସ୍ଥାନେ ଚିଙ୍ଗୁଡିଆ ଦଳ ସାଙ୍ଗକୁ ପ୍ଲାଷ୍ଟିକ ଥାଳି, ପତ୍ର ଓ ଅନ୍ୟ ଆବର୍ଜନା ଭାସୁଛି। ଫଳରେ ଏହି ଜଳରାଶି କୌଣସି କାମରେ ଲାଗିପାରୁ ନାହିଁ। ଏଭଳି ସ୍ଥିତିରେ ପାଇପ ଜଳରେ ପୀଠର ସମସ୍ତ ପୂଜାନୀତି ଓ କାର୍ଯ୍ୟ କରାଯାଉଛି।

ଶିବଗଙ୍ଗା ପୁଷ୍କରିଣୀର ଏପରି ଦୁରବସ୍ଥାର ପ୍ରତିକାର ଦିଗରେ ଜିଲା ଓ ମନ୍ଦିର ପ୍ରଶାସନିକ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବାରୁ ସେବାୟତ ଓ ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ଟ୍ରଷ୍ଟ ସଭ୍ୟ ମିହିର କୁମାର ନାୟକ କହିଛନ୍ତି, ଆଖଣ୍ଡଳମଣି ମନ୍ଦିର ପୁଷ୍କରିଣୀର ଏପରି ଦୁରବସ୍ଥା ଦୁର୍ଭାଗ୍ୟଜନକ। ଏଥିପାଇଁ ଜିଲା ଓ ମନ୍ଦିର ପ୍ରଶାସନ ଦାୟୀ। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି, ପୁଷ୍କରିଣୀରେ ସୃଷ୍ଟି ହୋଇଥିବା ଚିଙ୍ଗୁଡିଆ ଦଳ ସଫା କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। କିନ୍ତୁ ଦଳ ତାହା ସଫା ହୋଇପାରୁନି। ଏକ ବିଶେଷଜ୍ଞ ଦଳ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବେ। ପୁଷ୍କରିଣୀ ଚାରିପାଖରେ ଏକ ସପ୍ତାହ ମଧ୍ୟରେ ଅଳିଆକୁଣ୍ଡ ରଖାଯିବ। ପୁଷ୍କରିଣୀର ଜଳରାଶିକୁ ବିଶୁଦ୍ଧ ରଖିବା ଲାଗି ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି।


ଦଳଭର୍ତ୍ତି ହୋଇଥିବା ଶିବଗଙ୍ଗା ପୁଷ୍କରିଣୀ।

## ଉଠା ଜଳସେଚନ ପଏଣ୍ଟରୁ ପାଇପ୍ ଚୋରି

**ବାସୁଦେବପୁର, ୨୪।୬(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ବଳିବିନ୍ଧା ଭୈରବପୁର ଗ୍ରାମ ସଂଲଗ୍ନ କୁସୁଦାପୋଖରୀ ଆଡିରେ ବସିଥିବା ଉଠା ଜଳସେଚନ ପଏଣ୍ଟରୁ ତାଲା କାଟି ପାଇପ୍ ସମେତ ବିଭିନ୍ନ ସାମଗ୍ରୀ ଚୋରି କରନିଆଯାଇଛି। ଉଠା ଜଳସେଚନ ପଏଣ୍ଟ ଅଚଳ ହୋଇ ପଡିବାରୁ ଏହା ଉପରେ ନିର୍ଭର କରୁଥିବା ଭୈରବପୁର ବଳିବିନ୍ଧା ଗ୍ରାମର ଶତାଧିକ ଚାଷୀ ଜମିକୁ ପାଣି ମଡାଇ ନ ପାରି ହତାଶ ହୋଇପଡିଛନ୍ତି। ଖରିଫ ଚାଷ ଆରମ୍ଭ ହେଉଥିବା ସମୟରେ ଉଠା ଜଳସେଚନ ପଏଣ୍ଟରୁ ପାଇପ୍ ଓ ଅନ୍ୟ ସାମଗ୍ରୀ ଚୋରି ହେବା ଘଟଣାରେ ଚାଷୀଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

## ଆବାସ ଯୋଜନା ଦୁର୍ନୀତିର ତଦନ୍ତ ଆରମ୍ଭ

**ବାସୁଦେବପୁର, ୨୪।୬(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନରସିଂହପୁର ପଞ୍ଚାୟତ ସାନଚନ୍ଦ୍ରଭାନପୁର ଗ୍ରାମରେ ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଛାତ ନ ପକାଇ ଶେଷ ବିଲ୍ ବାବଦକୁ ୩୦ ହଜାର ଟଙ୍କା ଉଠାଣ କରିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୋମବାର ଅପରାହ୍ନରେ ଜିଲା ଡିଆର୍‌ଡିଏ ବିଭାଗର ଏପିଡି ଦେବେନ୍ଦ୍ର ପାଣ୍ଡବ ଏହାର ତଦନ୍ତ କରିବା ବେଳେ ଦୁର୍ନୀତିରେ ବ୍ଲକର କେତେକ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ସ୍ପଷ୍ଟ ହୋଇଥିବା ଜଣାପଡିଛି। ତଦନ୍ତ ବେଳେ ବିପିଏ ଶୁଭାଶିଷ କଅଁର, ବିପିସି ମାନସ ଦାସ, ବିପିଏମ୍ ଲକ୍ଷ୍ମଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ ତଦନ୍ତ ସରିବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ୩୦ ଭାଗରୁ ଊର୍ଦ୍ଧ୍ୱ ପକ୍କାଘର ଅଧାପନ୍ତରିଆ

**ବନ୍ତ,୨୪।୬(ଡି.ଏନ୍.ଏ.)**


ଅର୍ଦ୍ଧନିର୍ମିତ ପକ୍କା ଘର।

ଭଦ୍ରକ ଜିଲା ବନ୍ତ ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍କାଘର ଯୋଜନାରେ ୩୦ ଭାଗରୁ ଉର୍ଦ୍ଧ୍ୱ ଘର ନିର୍ମାଣ କାମ ଅଧାପନ୍ତରିଆ ହୋଇ ପଡିରହିଛି। ଫଳରେ ଯୋଜନା ଲକ୍ଷ୍ୟଠାରୁ ଦୂରରେ ରହିଛି ବୋଲି ଅଭିଯୋଗ ହେଉଛି। ଚଳିତ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବନ୍ତ ବ୍ଲକକୁ ୩୧୯୦ ପକ୍କାଘର ଆସିଥିବା ଜଣାପଡ଼ିଛି। ଯୋଜନାରେ ମନ୍ଥରତା ଯୋଗୁ ଅଦ୍ୟାବଧି କାହାକୁ ଏ ନେଇ କାର୍ଯ୍ୟାଦେଶ ଦିଆଯାଇନାହିଁ। ଅନ୍ୟପକ୍ଷେ ବର୍ଷାଋତୁ ଆସିଯାଇଥିବାରୁ ହିତାଧିକାରୀମାନେ ଏବେ ଘର ନିର୍ମାଣ କରିବାକୁ ମନା କରୁଥିବା ଜଣାଯାଇଛି।

୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ବନ୍ତ ବ୍ଲକରେ କାର୍ଯ୍ୟାଦେଶ ଦିଆଯାଇଥିବା ଘର ମଧ୍ୟରୁ ୬୦ ରୁ ୭୦ ଭାଗ ପକ୍କାଘର ନିର୍ମାଣ ଶେଷ ହୋଇଥିବା କୁହାଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ଲକର ମୋଟ ୮୪୮ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ଦିଆଯାଇଥିଲା। ସେଥିମଧ୍ୟରୁ ୬୦୨ ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ଘର ଅଧାପନ୍ତରିଆ ହୋଇ ପଡି ରହିଛି। ବିଜୁ ପକ୍କାଘର ଯୋଜନାରେ ବ୍ଲକରେ କାର୍ଯ୍ୟାଦେଶ ୧୦୪ ଘର ମଧ୍ୟରୁ ୬୫ଟି ଘରର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ହିତାଧିକାରୀଙ୍କୁ ୩ ମାସ ମଧ୍ୟରେ ଗୃହ କାର୍ଯ୍ୟ ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କାମ ହେଉ ନାହିଁ। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ଏ ନେଇ ହିତାଧିକାରୀଙ୍କୁ ନୋଟିସ୍ ଜାରି କରି ତାଗିଦ କରାଯାଇଥିବା କହିଛନ୍ତି।

## ୧ମରୁ ୮ମ ଶ୍ରେଣୀ ଯାଏ ପାସ୍ ଫେଲ୍ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବି

**ଭଦ୍ରକ ଅଫିସ, ୨୪।୬**

ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍ ଫେଲ ବ୍ୟବସ୍ଥା ପୂର୍ବଭଳି ଲାଗୁ କରିବା ଦାବି କରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଭଦ୍ରକ ଜିଲା କମିଟି ପକ୍ଷରୁ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କୁ ସୋମବାର ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଜିଲା ସମ୍ପାଦକ ରମେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି।

ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି ଯେ, ସରକାର ପାସ୍ ଫେଲ ବ୍ୟବସ୍ଥା ଉଠାଇ ଦେବା ପରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଛାତ୍ରୀଛାତ୍ରଙ୍କର ମୂଳଦୁଆ ଗଠନ କରୁଥିବା ପ୍ରାଥମିକ ଶିକ୍ଷାର ମାନ କ୍ରମେ ନିମ୍ନଗାମୀ ହୋଇଛି। ଭାଷା ଶିକ୍ଷା ଓ ଗଣିତ ଶିକ୍ଷାରେ ଛାତ୍ରୀଛାତ୍ରମାନେ ଏତେ ଦୁର୍ବଳ ରହୁଛନ୍ତି ଯେ, ଅଷ୍ଟମଶ୍ରେଣୀ ପିଲାଙ୍କର ପଞ୍ଚମ ଶ୍ରେଣୀସ୍ତରର ଜ୍ଞାନ ରହୁନାହିଁ। ସର୍ବଶିକ୍ଷା ଅଭିଯାନ ଓ ତଥାକଥିତ ଶିକ୍ଷା ଅଧିକାର ଆଇନ ପ୍ରଚଳନ ହେବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଚଳିତ ଶିକ୍ଷାବର୍ଷଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ ଫେଲ୍‌ର ବ୍ୟବସ୍ଥା ଲାଗୁକରି ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲରେ ପଢୁଥିବା ଗରିବ ଓ ଗ୍ରାମୀଣ ଛାତ୍ରୀଛାତ୍ରଙ୍କର ଶିକ୍ଷାର ମାନବୃଦ୍ଧି କରିବା ଅତି ଜରୁରୀ ହୋଇପଡିଛି ବୋଲି ପ୍ରତିନିଧି ଦଳ କହିଛନ୍ତି। ଜିଲା ସମ୍ପାଦକଙ୍କ ସହ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ବରିଷ୍ଠ ସଦସ୍ୟ ସର୍ବଶ୍ରୀ ରାମଚନ୍ଦ୍ର ଶଙ୍ଖୁଆ, ଆଇନଜୀବୀ ନରେନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୀର୍ତ୍ତନବିହାରୀ ମଲ୍ଲିକ, ଛାତ୍ର ନେତା ଗୋବିନ୍ଦ ମଲ୍ଲିକ, ଗୋପାଳ ଚନ୍ଦ୍ର ମହଲ, ଆଜମଲ ହୁସେନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଗାଈ ଓ ଷଣ୍ଢ ମୃତ

**ବାସୁଦେବପୁର, ୨୪।୬(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତ ମିରିଗା ଗ୍ରାମରେ ଏକ ଟ୍ରାନ୍ସଫର୍ମରରେ ବିଦ୍ୟୁତ୍ ପ୍ରବାହ ହେଉଥିବାରୁ ଏହା ସଂସ୍ପର୍ଶରେ ଆସି ସୋମବାର ଗୋଟିଏ ଗାଈ ଓ ଗୋଟିଏ ଷଣ୍ଢଙ୍କର ମୃତ୍ୟୁ ଘଟିଛି। ମୃତ ଗାଈ ମିରିଗା ଗ୍ରାମର ସିକର ମଲ୍ଲିକଙ୍କର ବୋଲି ଜଣାପଡିଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଟ୍ରାନ୍ସଫର୍ମର ସମେତ ବିଦ୍ୟୁତ୍ ଖୁଣ୍ଟରେ ବାରମ୍ବାର ବିଦ୍ୟୁତ୍ ପ୍ରବାହ ହୋଇ ଦୁର୍ଘଟଣା ଘଟୁଥିବାରୁ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ପ୍ରଗତିଶୀଳ ଲେଖକ ସାମ୍ମୁଖ୍ୟର ସ୍ୱନକ୍ଷତ୍ର

**ତିହିଡ଼ି,୨୪।୬(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡି ବ୍ଲକ୍ ପୀରହାଟର ଓଡ଼ିଶା ପ୍ରଗତିଶୀଳ ଲେଖକ ସାମ୍ମୁଖ୍ୟର ୩ୟ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପୀରହାଟ ବାସନ୍ତୀ ପଢ଼ିଆଠାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ କଥାକାର ଉମାକାନ୍ତ ମିଶ୍ର ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନିରଞ୍ଜନ ନାୟକ ଯୋଗଦେଇ ଶିଶୁ ସାହିତ୍ୟ ଶିଶୁର ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସ, ସମ୍ମାନନୀୟ ଅତିଥିଭାବେ ପ୍ରାବନ୍ଧିକ ବିଭୂତିଭୂଷଣ ସେନାପତି, କବି ଯଦୁମଣି ପାଣିଗ୍ରାହୀ ଓ ସାମାଜିକ କର୍ମୀ ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ଯୋଗ ଦେଇ ଶିଶୁ ସାହିତ୍ୟର ଗତି ଓ ପ୍ରଗତି ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଦିବଂଗତ ନାଟ୍ୟକାର ଗିରୀଶ କର୍ନଡ, ସାହିତ୍ୟିକ ଡ. ଲକ୍ଷ୍ମୀନାରାୟଣ ରାୟ ସିଂହ ଓ ଭଦ୍ରକ ପୁସ୍ତକମେଳାର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ ବାରିକ୍‌ଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପ୍ରଭାକର ଦାସଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ, ସଂସ୍କୃତି ଓ ସମାଜଧର୍ମୀ ପତ୍ରିକା 'ବିବର୍ତ୍ତନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାମ୍ମୁଖ୍ୟର ସମ୍ପାଦକ ସୁବାସ ଦାସ ବିବରଣୀ ପାଠ କରିଥିଲେ। ଆଇନଜୀବୀ ବିପ୍ଳବ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ସାମ୍ମୁଖ୍ୟର ସଭାପତି ସୁଧାରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ କବିତା ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କବି ନିର୍ମଳ ସେନାପତି ଯୋଗ ଦେଇଥିଲେ।

## ମୟୂରଭଞ୍ଜ

## ଗୋଖର ପାଟିରୁ ବାହାରିଲା ୭ କୁକୁଡ଼ା ଅଣ୍ଡା

**ଖୁଣ୍ଟା,୨୪।୬(ଡି.ଏନ.ଏ): ମୟୂରଭଞ୍ଜ** ଜିଲା ଡୁକୁରା ରେଞ୍ଜ ଅଧୀନ ବାଉଁଶକଣ୍ଟିଆ ଗ୍ରାମର ଆଶିଷ ମିଶ୍ରଙ୍କ କୁକୁଡା ଭାଡିରୁ ସୋମବାର ଏକ ଗୋଖର ସାପ ଉଦ୍ଧାର ହୋଇଛି । ସାପଟି ଆଶିଷଙ୍କ କୁକୁଡ଼ା ଭାଡିରେ ପଶି ଥିବା ଜଣା ପଡିବା ପରେ ବାରିପଦାରୁ ଜଣେ ସାପ ଧରାଳି ଆସି ତାକୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ଗୋଖର ଗିଳିଥିବା ୭ଟି କୁକୁଡ଼ା ଅଣ୍ଡା ପାଟି ବାଟେ ଓକାଳି ଥିଲା। ଉଦ୍ଧାରକାରୀ ସାପଟିକୁ ସାଙ୍ଗରେ ନେଇଯାଇଥିଲେ। ଏ ସମ୍ପର୍କରେ ଡୁକୁରା ରେଞ୍ଜ ଅଧିକାରୀ ଅନନ୍ତ ଜେନାଙ୍କୁ ପଚାରିବାରୁ ସାପ ଉଦ୍ଧାର ବିଷୟରେ ସେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି।

## ସଡ଼କ ଦୁର୍ଘଟଣାରେ ୨ ମୃତ

**କୁଳିଅଣା,୨୪।୬ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥ ଦରଖୋଲି ପେଟ୍ରୋଲ ପମ୍ପ ନିକଟରେ ରବିବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଜଡ଼ିଦା ଗ୍ରାମର ଉମାକାନ୍ତ ବିଶ୍ୱାଳ (୩୨) ଓ ତାଙ୍କ ଶଳା ପ୍ରଫୁଲ୍ଲ କାଣ୍ଡି(୪୪)। ଉମାକାନ୍ତ ଓ ପ୍ରଫୁଲ୍ଲ ଏକ ବାଇକ (ନଂ.ଓଡି-ଆଇଆଇଏମ୍-୬୩୩୬)ରେ ବିବାହ ଭୋଜି ଖାଇ ଫେରୁଥିବା ବେଳେ ଏକ ଟ୍ରକ୍ (ନଂ.ଓଆର୍‌୦୧-୧୨୮୮) ବେପରୁଆ ଭାବେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। କୁଳିଅଣା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ଡାକ୍ତରଖାନାକୁ ପଠାଇଛି। ମୃତକଙ୍କ ବଡ଼ଭାଇ ଥାନାରେ କରିଥିବା ଅଭିଯୋଗ କ୍ରମେ ଏକ ଦୁର୍ଘଟଣା ମାମଲା (ନଂ ୫୬/୧୯ ) ରୁଜୁ ହୋଇଛି।

### ବାରିପଦା ସହରରେ ଜବରଦଖଲ ଉଚ୍ଛେଦ ଘଟଣା

## ପୌର ଅଧିକାରୀଙ୍କୁ ଘେରିଲେ ଜେଏମ୍ଏମ୍ ଓ କଂଗ୍ରେସ ନେତା

**ବାରିପଦା ଅଫିସ,୨୪।୬**

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ବାରିପଦା ପୌର ପରିଷଦ ପକ୍ଷରୁ ମିଳିତ ଭାବେ ସହରରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଦୁଇ ଦିନରେ ସହରର ଖିମଜୀ ଛକରୁ କେସି ସର୍କଲ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ହୋଇଥିଲା। ମାତ୍ର ଏଥିରେ ପାତରଅନ୍ତର କରାଯାଇଥିବା ଏବଂ ଯେଉଁ ଉଦ୍ଦେଶ୍ୟ ନେଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା ତାହା ସାଧିତ ହୋଇନାହିଁ। ଏଭଳି ଅଭିଯୋଗ କରିଛନ୍ତି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଏବଂ ଯୁବ କଂଗ୍ରେସ ଜିଲା ସଭାପତି ରାକେଶ ସିଂ। ସୋମବାର ବାରିପଦା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଦାସଙ୍କୁ ପ୍ରଶ୍ନବାଣରେ ଘେରିଛନ୍ତି। ଉଭୟ ନେତୃବୃନ୍ଦଙ୍କ କହିବା ମୁତାବକ ବାସ୍ତବରେ ସହରରେ ଜବରଦଖଲ ହୋଇଛି। ବିଶେଷ କରି ବାଣିଆ ଜଗନ୍ନାଥ ମନ୍ଦିରଠାରୁ ଗଣେଶ ଲଜ୍ ଛକ ପର୍ଯ୍ୟନ୍ତ ସବୁବେଳେ ଟ୍ରାଫିକ ଜାମ ସମସ୍ୟା ଦେଖାଯାଉଛି। ହେଲେ ଏହି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କେବଳ ଲୋକ ଦେଖାଣିଆ ଭାବେ କରାଯାଇଛି। ଅନ୍ୟ ପକ୍ଷରେ ଏହି ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟଗୁଡିକ ଦୀର୍ଘଦିନ ହେବ ରହିଛି। କେବଳ ଏହି ରାସ୍ତା ନୁହେଁ ସହରର ପ୍ରମୁଖ ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ଏହି ଖୁଣ୍ଟଗୁଡିକୁ ଏଠାରୁ ଉଠାଇଦେଲେ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏହି ଖୁଣ୍ଟଗୁଡିକ ରାସ୍ତା ଉପରେ ଥିବା ଯୋଗୁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି। ଏଣୁ ଏହାକୁ ଶୀଘ୍ର ସ୍ଥାନାନ୍ତର କରାଯିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ସେହିପରି ବାରିପଦା ଟ୍ରାଫିକ ଛକ ନିକଟରେ ଡ୍ରେନ ଉପରେ ଥିବା ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା। ତେବେ ଏହି ଡ୍ରେନ ଉପରେ ପୌର କର୍ତ୍ତୃପକ୍ଷ ଦୀର୍ଘ ବର୍ଷ ପୂର୍ବେ ଏକ ସର୍ବସାଧାରଣରେ ଶୌଚାଳୟ ନିର୍ମାଣ କରିଛନ୍ତି। ଯଦି ଡ୍ରେନ ତଥା ଫୁଟପାଥ ଉପରେ ଲୋକେ ଉଠା ଦୋକାନ କରିଲେ ସେମାନଙ୍କୁ ଉଚ୍ଛେଦ କରାଯାଉଛି ପୌର କର୍ତ୍ତୃପକ୍ଷ କିଭଳି ଭାବେ ଏଠାରେ ସର୍ବସାଧାରଣରେ ଶୌଚାଳୟ ନିର୍ମାଣ କରିଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେହିପରି ସହରର ଅନ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଦାବି କରିଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଦାସ କହିଛନ୍ତି ଯେ, ସହରର ବିଭିନ୍ନ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯିବ। ଆଗକୁ ରଥଯାତ୍ରା ଥିବାରୁ ଲୋକଙ୍କ ଭିଡକୁ ଲକ୍ଷ୍ୟ ରଖି ଖିମଜୀ ଛକରୁ କେସି ସର୍କଲ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ସେହିପରି ସହରର ବିଭିନ୍ନ ରାସ୍ତାଉପରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ସ୍ଥାନାନ୍ତର କରାଯିବା ପାଇଁ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯିବ ବୋଲି ଜଣାଇଥିଲେ।

### ମୁଖ୍ୟ ରାସ୍ତାରୁ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ଦାବି


ଜେଏମଏମ ଓ କଂଗ୍ରେସ ନେତା ପୌର ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

### କିଡ୍‌ନୀ ରୋଗ ଆତଙ୍କ

## ଦିଘି ନୂଆସାହିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

**କୁଆମରା,୨୪।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଜୟପୁର ପଞ୍ଚାୟତର ଦିଘି ନୂଆସାହି ଗ୍ରାମର ୧୪ ଓ ୧୫ ନମ୍ବର ୱାର୍ଡରେ କିଡ୍‌ନୀ ରୋଗ ଆତଙ୍କ ଦେଖା ଦେଇଛି। ଗତ ୨ ବର୍ଷ ମଧ୍ୟରେ ଏହି ଗ୍ରାମରେ କିଡନୀ ରୋଗରେ ୫ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଅଧିକ ଆକ୍ରାନ୍ତ ଥିବା ଜଣାପଡିଛି। ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହେବା ପରେ ରବିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ କୁମାର ମହାପାତ୍ର ଉକ୍ତ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରି ଫେରିଛନ୍ତି। ଏହି ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଲୋକେ ରହୁଥିବା ବେଳେ ସମସ୍ତେ ଖଟିକିଆ। ଅର୍ଥାଭାବରୁ ସେମାନେ ଠିକ ଚିକିତ୍ସିତ ହୋଇ ନ ପାରି ଚେରମୂଳି ଔଷଧ ଖାଉଥିବା ଜଣାଯାଇଛି। ଗାଁରେ ଥିବା ନଳକୂପର ଲୌହଯୁକ୍ତ ପାଣି ପିଇବା ଦ୍ୱାରା ଏହି ରୋଗ ବ୍ୟାପୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୧୯ ତାରିଖରେ ଉଦଳା ଉପଖଣ୍ଡର ଏକ ଡାକ୍ତରୀ ଦଳ ଗାଁରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଫେରିବା ପରେ ରବିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ଡିପିଏମ ଅନିଲ କୁମାର ମହାନ୍ତି, ଡିପିସି ଦୀନକୃଷ୍ଣ ବାରିକ, ଖୁଣ୍ଟା ବିପିଏମ ଅନୁଭବ ପଟ୍ଟନାୟକ, ସୁପରଭାଇଜର ମହେନ୍ଦ୍ର ନାଥ ସେଠୀ ଓ ବିଭାଗୀୟ କର୍ମଚାରୀମାନେ ପହଞ୍ଚି କିଡ୍‌ନୀ ରୋଗାକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଗ୍ରାମର ସମସ୍ତ ନଳକୂପ ପାଣି ଓ କିଡନୀ ଆକ୍ରାନ୍ତଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ତୁରନ୍ତ ପଠାଯିବାକୁ ସିଡିଏମଓ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଘି ନୂଆସାହି, ମାଙ୍କଡକେଦା ଓ ଅଙ୍ଗାରଗଡିଆ ଗ୍ରାମର ଲୋକଙ୍କଠାରୁ ମଧ୍ୟ ରକ୍ତ ନମୁନା ସଂଗ୍ରହ କରାଯିବ ବୋଲି ଜଣାପଡିଛି। ଶନିବାର ଏହି ଗ୍ରାମର ନାଥ ସିଂ (୪୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କର କର୍କଟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟବିଭାଗ ସୂଚନା ଦେଇଛି।

## ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

**କୁଆମରା,୨୪।୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ଅନ୍ତର୍ଗତ ପଟୁଆ ଗ୍ରାମର ବାବୁ ନାଏକଙ୍କ ପୁଅ ସୁବ୍ରତଙ୍କ ବିଷଧର ସାପ କାମୁଡାରେ ମୃତ୍ୟୁ ଘଟିଛି। କୁଆମରା ଫାଣ୍ଡି ଅଧିକାରୀଙ୍କ ସୂଚନା ମୁତାବକ ରବିବାର ରାତିରେ ଜେଜେମା ସହିତ ଘର ବାରଣ୍ଡାରେ ଶୋଇଥିବା ବେଳେ ସୁବ୍ରତଙ୍କ ବାମ ହାତକୁ ବିଷଧର ସାପଟି ଚୋଟମାରି ପଳାଇ ଯାଇଥିଲା। ସୁବ୍ରତଙ୍କ ଡାକ ଶୁଣି ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଉଦଳା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁବ୍ରତ ପଟୁଆ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ଏଥିନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୦/୧୯) ରୁଜୁ ହୋଇଛି। ସୁବ୍ରତଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଉଚିତ ଦରମା ଦାବି କରି ତାତିଲେ ସଫେଇ କର୍ମଚାରୀ

## ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ବାରିପଦା ଅଫିସ,୨୪।୬**

ମୟୂରଭଞ୍ଜ ଜିଲା ବାରିପଦା ପୌରପରିଷଦର ୨୮ ୱାର୍ଡରେ କାର୍ଯ୍ୟ କରୁଥିବା ଶତାଧିକ ସଫେଇ କର୍ମଚାରୀ ଉଚିତ ଦରମା ଦାବିରେ ସୋମବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ପୌର ପରିଷଦ ପକ୍ଷରୁ ସାନିଟେଶନ ଇନ୍ସପେକ୍ଟର ସନ୍ତୋଷ ମହାନ୍ତି ବୁଝାସୁଝା କରିବା ପରେ ସେମାନେ ଆନ୍ଦୋଳନରୁ ହଟିଥିଲେ।

ସଫେଇ କର୍ମଚାରୀଙ୍କ ଦାବି ଅନୁସାରେ, ସେମାନେ ୧୦ ରୁ ୧୫ ବର୍ଷ ଧରି ପୌରପରିଷଦ ଅଧୀନରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସେମାନଙ୍କୁ ଉଚିତ ପ୍ରାପ୍ୟ ମିଳୁନି। କାମ କଲା ବେଳେ ସେମାନଙ୍କୁ କୌଣସି ଉପକରଣ ଯୋଗାଇ ଦିଆଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ସେମାନଙ୍କୁ ମାସିକ ୩ ରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯାଉଛି। ଅନ୍ୟ ସ୍ଥାନରେ ସଫେଇ କର୍ମଚାରୀ ୭ରୁ ୮ ହଜାର ଟଙ୍କା ଦରମା ପାଉଥିବା ବେଳେ ବାରିପଦାରେ କିନ୍ତୁ କମ ଦରମା ମିଳୁଛି। ଦରମା ବୃଦ୍ଧି ବାବଦରେ ସଫେଇ କର୍ମଚାରୀ ମୁହଁ ଖୋଲିଲେ ସେମାନଙ୍କୁ କାମରୁ ବାହାର କରି ଦିଆଯାଉଛି। ଏହା ବ୍ୟତୀତ ସେମାନଙ୍କ ପାଇଁ ଝାଡୁ, ଝଙ୍କା, କୋଦାଳ, ଶାବଳ, ତେଲ, ଡ୍ରେସ, ପରିଚୟପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଉ ନାହିଁ। ଯଦି କୌଣସି ଜଣେ ସଫେଇ କର୍ମଚାରୀଙ୍କୁ କାର୍ଯ୍ୟରୁ ବାହାର କରାଯାଏ ତେବେ ସମସ୍ତ କର୍ମଚାରୀ କାର୍ଯ୍ୟରୁ ବାହାରି ଯିବେ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ଦରମା ବୃଦ୍ଧି କରାଯାଉ ବୋଲି ସଫେଇ କର୍ମଚାରୀ ରାଜୀବ ଘଡେଇ, ତନୁଜା ମୁଖୀ, ଦେବେନ୍ଦ୍ର ମୁଖୀ, ତୋଫାନ ମୁଖୀ, ଜଗୁ ବୈଠା, ତପନ ମୁଖୀ, ଦୀପକ ମୁଖୀ, ବାପୁନ ଦାସ, ପୂର୍ଣ୍ଣିମା ମୁଖୀ, ଦ୍ରୌପଦୀ ବୈଠା, ଆରବୁଢ଼ୀ ବୈଠା, କ୍ରିଷ୍ଣା ବୈଠା ପ୍ରମୁଖଙ୍କ ସହ ଶତାଧିକ ସଫେଇ କର୍ମଚାରୀ ଦାବି କରିଛନ୍ତି। ଏ ନେଇ ସଫେଇ କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରୁଥିବା ଟେଣ୍ଡର ପ୍ରୋପାଇଟର ନରେନ୍ଦ୍ର କୁମାର ଜେନା କୁହନ୍ତି, ୩ ବର୍ଷ ପୂର୍ବରୁ ଯେଉଁ ଟେଣ୍ଡର ହୋଇଥିଲା ସେହି ଅନୁସାରେ ସେମାନଙ୍କୁ ଟଙ୍କା ପ୍ରଦାନ କରାଯାଉଛି। ଆସନ୍ତା ଜୁଲାଇ ୧୫ ତାରିଖରେ ଯେଉଁ ଟେଣ୍ଡର ହେବ ସେହି ସମୟରେ ସେମାନଙ୍କର ଉଚିତ ଦରମା ପ୍ରଦାନ କରାଯିବ ବୋଲି କହିଛନ୍ତି।


ସାନିଟେଶନ ଇନ୍ସପେକ୍ଟର ସଫେଇ କର୍ମଚାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି।

## ବାପାଙ୍କୁ ଚିକିତ୍ସା କରିବାକୁ ନେଇ ଡାକ୍ତରଖାନାରେ ପୁଅ ମୃତ

**ଖୁଣ୍ଟା,୨୪।୬(ଡି.ଏନ.ଏ): ମୟୂରଭଞ୍ଜ** ଜିଲା ଖୁଣ୍ଟା ଥାନା ଅଧୀନ ସୁରୁକୁନା ଗ୍ରାମର ଅସୁସ୍ଥ ବାପାଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିବା ବେଳେ ସେଠାରେ ପୁଅଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ସୁରୁକୁନା ଗ୍ରାମର ପ୍ରଫୁଲ୍ଲ କୁଅଁରଙ୍କ ଶରୀର ଅସୁସ୍ଥ ହେବାରୁ ପୁଅ ରାମେଶ୍ୱର ସୋମବାର ପୂର୍ବାହ୍ନରେ ତାଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ବେଡ଼ ନିକଟରେ ଜଗି ରହିଥିଲେ। ତେବେ ବସିବା ଜାଗାରୁ ହଠାତ ସେ ତଳକୁ ଖସି ପଡ଼ିଥିଲେ। ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମୃତ ବୋଲି ଘୋଷଣା କରିଥିଲେ। ଏଥିନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୧/୧୯) ରୁଜୁ ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜୁନ୍ ୨୫/୨୦୧୯ Balasore, Tuesday, June 25/2019

# କମ୍ ଉପସ୍ଥାନ: ୭ ସ୍କୁଲରେ ପଡ଼ିବ ତାଲା

ଭଦ୍ରକ ଅଫିସ, ୨୪।୬

ଭଦ୍ରକ ଜିଲାରେ ୧୦ ଛାତ୍ରୀଛାତ୍ରରୁ କମ୍ ଉପସ୍ଥାନ ଥିବା ସ୍କୁଲଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧି ତଥା ଆର୍ଥିକ ବୋଝ କମାଇବା ଲାଗି ରାଜ୍ୟ ଗଣଶିକ୍ଷା ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଜିଲାରେ ୭ଟି ସ୍କୁଲ ବନ୍ଦ ହେବ ବୋଲି ପ୍ରଶାସନ ପକ୍ଷରୁ ରାଜ୍ୟ ଗଣଶିକ୍ଷା ବିଭାଗକୁ ସୂଚନା ଦିଆଯାଇଛି।

ରାଜ୍ୟରେ କମ୍ ଉପସ୍ଥାନ ଥିବା ୯୬୬ ବିଦ୍ୟାଳୟ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲାରେ ଏହାର ସଂଖ୍ୟା ୭ ରହିଛି। ସେଗୁଡ଼ିକ ହେଲା ବାସୁଦେବପୁର ବ୍ଲକର ଚୂଡ଼ାମଣି କ୍ଲଷ୍ଟରର ତାଳଘେରି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର ବ୍ଲକର ବିଦେଇପୁର କ୍ଲଷ୍ଟରର ବାଲିମୁଣ୍ଡା ଏମ୍ଇ ସ୍କୁଲ, ବନ୍ତ ବ୍ଲକର ହରିହର କ୍ଲଷ୍ଟରର ପରମାନନ୍ଦପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବନ୍ତ ବ୍ଲକର ଖଗେଶ୍ୱର କ୍ଲଷ୍ଟରର ହାଟଡିହୀ ପ୍ରାଥମିକ ବିଦ୍ୟାଳୟ, ଧାମନଗର ବ୍ଲକର ନାଡିଗାଁ କ୍ଲଷ୍ଟରର ଫଳପୁର ଜେନାସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବନ୍ତ ବ୍ଲକର ତୋଫାବିବି କ୍ଲଷ୍ଟରର ହଳଦୀପହଣି ଆଦିବାସୀ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଏବଂ ଭଦ୍ରକ ବ୍ଲକର ହରିପୁର କ୍ଲଷ୍ଟରର ପୋଡଡିହ ଶ୍ରୀଧରପୁର ପ୍ରାଥମିକ ବିଦ୍ୟାଳୟ। ଚଳିତ ଶିକ୍ଷାବର୍ଷ ପରେ ଏହି ସ୍କୁଲଗୁଡ଼ିକ ବନ୍ଦ ହେବ ବୋଲି ଜଣାପଡ଼ିଛି। ଏସବୁ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟରେ ନାମ ଲେଖାଯାଇ ସେମାନଙ୍କୁ ପାଠ ପଢାଯିବାର ବ୍ୟବସ୍ଥା କରାଯିବ। ଏହି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବା ଲାଗି ସରକାରୀ ସ୍ତରରେ ଗସ୍ତ ଖର୍ଚ୍ଚ ଦିଆଯିବାର ବ୍ୟବସ୍ଥା ରହିଛି। ୧ କ.ମି. ପରିସର ମଧ୍ୟରେ ଥିବା ସ୍କୁଲରେ ପିଲାଙ୍କ ୭୫ ପ୍ରତିଶତ ଉପସ୍ଥାନ ରହିଲେ ପ୍ରତିମାସରେ ଗସ୍ତ ଖର୍ଚ୍ଚ ବାବଦକୁ ୬୦୦ ଟଙ୍କା ଅଭିଭାବକଙ୍କୁ ଦିଆଯିବ। ସେହିପରି ୫୦ ପ୍ରତିଶତ ଉପସ୍ଥାନ ରହିଲେ ମାସକୁ ୪ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ପିଲାଙ୍କର ୩୦ ରୁ ୪୯ ପ୍ରତିଶତ ଉପସ୍ଥାନ ରହିଲେ ମାସକୁ ୩ ଶହ ଟଙ୍କା ମିଳିବ। ୩୦ ପ୍ରତିଶତରୁ କମ୍ ଉପସ୍ଥାନ ଥିଲେ ଗସ୍ତ ଖର୍ଚ୍ଚ ମିଳିବ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିବା ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




## ଧାନ ବିକି ପ୍ରାପ୍ୟ ପାଇନାହାନ୍ତି ଚାଷୀ

ତିହିଡ଼ି,୨୪।୬(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ଚାଷୀମାନେ ସମବାୟ ସମିତିକୁ ଧାନ ବିକ୍ରି କରି ୩ ମାସରୁ ଊର୍ଦ୍ଧ୍ୱ ବିତିଯାଥିଲେ ମଧ୍ୟ ଆଜିଯାଏ ପ୍ରାପ୍ୟ ପାଇପାରି ନାହାନ୍ତି। ସେନେଇ ଚାଷୀମାନେ ସମିତିକୁ ବାରମ୍ବାର ଧାଇଁ ନିରାଶ ହେଉଛନ୍ତି। ତିହିଡି ବ୍ଲକ ଅଧୀନ ୭ ସମିତିରେ ଚାଷୀମାନେ ବିକ୍ରି କରିଥିବା ୬ହଜାର ୬୫ କୁଇଣ୍ଟାଲ ଧାନବାବଦକୁ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେମାନେ ଚାରିତରଫ ସମିତିରେ ୧୪ ଶହ କୁଇଣ୍ଟାଲ, ଅଣ୍ଡରାଇରେ ୫୬୩ କୁଇଣ୍ଟାଲ, ଅମୃତପୁରରେ ୫ଶହ, ନିଶ୍ଚିନ୍ତପୁରରେ ୧୯୨୯, ନରେନ୍ଦ୍ରପୁରରେ ୧୦୦, ଜାମଯୋଡ଼ିରେ ୧୯୩ ଓ ବାମନବିନ୍ଧାରେ ୧୩୬୦ କୁଇଣ୍ଟାଲ ଧାନ ବିକିଥିଲେ। ଏହାର ପ୍ରାପ୍ୟ ମିଳି ନ ଥିବାରୁ ସେମାନେ ସମିତି କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେମାନଙ୍କୁ କେବେ ପ୍ରାପ୍ୟ ମିଳିବ ସେ ନେଇ କାହାଠାରୁ କିଛି ସୂଚନା ମିଳୁନାହିଁ । ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ସହ ଯୋଗାଯୋଗ କରାଯିବାରୁ ଜଣେ ଅଧିକାରୀ କହିଛନ୍ତି, ଗତ ଏପ୍ରିଲ ୩ ତାରିଖ ସୁଦ୍ଧା ଧାନକିଣା ପାଇଁ ଅନଲାଇନ ବନ୍ଦ କରି ଦିଆଯାଇଥିଲା । ୩ ତାରିଖ ପରେ ଯେଉଁ ସବୁ ସମିତି ଧାନ ସଂଗ୍ରହ କରିଛନ୍ତି ସେଠାରେ ଚାଷୀଙ୍କୁ ପ୍ରାପ୍ୟ ମିଳି ପାରି ନାହିଁ । ଏ ଦିଗରେ ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଭଦ୍ରକ-ଧାମରା ରେଳରୋକୋ ସ୍ଥଗିତ

ଭଦ୍ରକ ଅଫିସ, ୨୪।୬

ଜମିହରା ବିସ୍ଥାପିତଙ୍କୁ ନିଯୁକ୍ତି ଦେବା ଦାବିରେ ଭଦ୍ରକ-ଧାମରା କୃଷକ ମଞ୍ଚ ପକ୍ଷରୁ ଭଟ୍ଟତିରା ପାୱାରପ୍ଲାଣ୍ଟ ନିକଟରେ ମଙ୍ଗଳବାର ହେବାକୁ ଥିବା ରେଳରୋକୋକୁ ସ୍ଥଗିତ ରଖାଯାଇଛି। ଆନ୍ଦୋଳନକାରୀ ଓ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ମଧ୍ୟରେ ଆଲୋଚନା ହେବା ପରେ ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏହି ରେଳରୋକକୁ ସ୍ଥଗିତ ରଖାଯାଇଥିବା କୃଷକ ମଞ୍ଚ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଡିପିସିଏଲ୍ କମ୍ପାନୀ, ଜିଲା ପ୍ରଶାସନ ଓ ଭଦ୍ରକ-ଧାମରା କୃଷକ ମଞ୍ଚ ମଧ୍ୟରେ ଆଲୋଚନା ଜରିଆରେ ସମାଧାନର ବାଟ ବାହାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଜିଲାପାଳ ମିଶ୍ରଙ୍କ ସହ ହୋଇଥିବା ଆଲୋଚନାରେ ଜମିହରା, ବିସ୍ଥାପିତଙ୍କ ସମେତ ଭଦ୍ରକ-ଧାମରା କୃଷକ ମଞ୍ଚର ମୁଖ୍ୟ ସଂଯୋଜକ ବିଶ୍ୱକେଶରୀ ମହାନ୍ତି, ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା, ଶଶିକାନ୍ତ ଦାସ, ନିରଞ୍ଜନ ଦାସ, ଅଭିମନ୍ୟୁ ବେହେରା, କନିଷ୍କ ନାୟକ, ଶ୍ରୀଧର ସାହୁ, ପ୍ରଫୁଲ୍ଲ କୁମାର ପାଢ଼ୀ, ବସନ୍ତ ନାୟକ, ନରେନ୍ଦ୍ର ସାହୁ, ଶମ୍ଭୁନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଖଣ୍ଡଳମଣି ପୀଠରେ ହେବ ଶ୍ରାବଣୀ ମଣ୍ଡପ



ଭଦ୍ରକ ଅଫିସ,୨୪।୬

ଆରଡିରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରାବଣୀ ମଣ୍ଡପ ନିର୍ମାଣ ସହ ପାଦ ପ୍ରକ୍ଷାଳନ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ବିକାଶ ଲାଗି ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବ। ସୋମବାର ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କ ସହ ଆଲୋଚନା ବେଳେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱରର ଜୋନାଲ ମ୍ୟାନେଜର ଯାଦବେନ୍ଦ୍ର ନାରାୟଣ ଦ୍ୱିବେଦୀ ଏବଂ ଭଦ୍ରକ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ପରିଚାଳକ ନୀହାର ରଞ୍ଜନ କୁଅଁର ଏ ନେଇ ସମ୍ମତି ପ୍ରକାଶ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସେବାୟତ ଇଂ. ସରୋଜ ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସୂର୍ଯ୍ୟକାନ୍ତ ପାଢ଼ୀ, ମନ୍ଦିର ପରିଚାଳନା ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପଲେଇ ଉପସ୍ଥିତ ରହି ଶ୍ରାବଣୀ ମଣ୍ଡପ ନିର୍ମାଣକୁ ସ୍ୱାଗତ କରିଥିଲେ।

■ ସରିଲା ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ସୁରକ୍ଷା କର୍ମଶାଳା

# ଏଣିକି ଜୁନ୍ ୨୦ରେ ପାଳନ ହେବ ନୀଳରକ୍ତ କଙ୍କଡ଼ା ଦିବସ

ବାଲେଶ୍ୱର ଅଫିସ, ୨୪।୬

ନୀଳରକ୍ତ କଙ୍କଡ଼ା ଉପରେ ଆଧାରିତ ବିଶ୍ୱର ପ୍ରମୁଖ ଅନୁଷ୍ଠାନ ‘ଇଣ୍ଟରନ୍ୟାଶନାଲ ୟୁନିଅନ ଫର କନଜରର୍ଭେଶନ ଅଫ ନେଚର’ (ଆଇୟୁସିଆନ) ପକ୍ଷରୁ ଗତ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଚୀନର କିନଜୋ ସିଟିରେ ଚତୁର୍ଥ ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ସୁରକ୍ଷା ଓ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱରରୁ ୬ଜଣ ଯୋଗଦେଇ ଫେରିଆସିଛନ୍ତି। ଏହି କର୍ମଶାଳାରେ ପ୍ରତିବର୍ଷ ଜୁନ ୨୦ ତାରିଖକୁ ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡ଼ା ଦିବସ ଭାବେ ଘୋଷଣା କରାଯିବା ପାଇଁ ସ୍ଥିର କରାଯାଇଛି। ନୀଳରକ୍ତ କଙ୍କଡ଼ା ଦେଖାଯାଉଥିବା ଉପକୂଳବର୍ତ୍ତୀ ଅଞ୍ଚଳବାସୀଙ୍କ ସହଯୋଗରେ ସୁରକ୍ଷା ପାଇଁ ସଚେତନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଥିବା ଓଡ଼ିଶାର ଯୋଗଦେଇଥିବା ଗବେଷକମାନେ ସୂଚନା ଦେଇଛନ୍ତି। ଗବେଷକମାନେ ବିଦ୍ୟାଳୟ ପାଠ୍ୟକ୍ରମରେ ନୀଳରକ୍ତ କଙ୍କଡ଼ା ବିଷୟରେ ସ୍ଥାନ ପାଇବାର ଆବଶ୍ୟକତା ରହିଥିବା ମତାମତ ଦେଇଥିଲେ।

### ‘ସୁରକ୍ଷା ଲାଗି ଉପକୂଳବାସୀଙ୍କ ସହଯୋଗ ନିଆଯିବ’



ଆନ୍ତର୍ଜାତିକ କର୍ମଶାଳାରେ ଅନ୍ୟ ଅତିଥିଙ୍କ ଗହଣରେ ବାଲେଶ୍ୱରର ୬ ଗବେଷକ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରଫେସର ଡ. ବିଷ୍ଣୁ ପ୍ରସାଦ ଦାଶ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ନିଜର ସନ୍ଦର୍ଭ ପାଠ କରିଥିଲେ। ଆସୋସିଏଶନ ଫର ବାୟୋ ଡାଇଭରସିଟି କନଜର୍ଭେସନ ଆଣ୍ଡ ରିସର୍ଚ୍ଚର ନିର୍ଦ୍ଦେଶକ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଭୁବନେଶ୍ୱର ଅମିତ କଲେଜର ସହକାରୀ ପ୍ରାଧ୍ୟାପକ ସିଦ୍ଧାର୍ଥ ପତି ପୋଷ୍ଟର ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି । ସେହିପରି ନୋସି କଲଚରାଲ ଏକାଡେମୀର ମୁଖ୍ୟ ଶିଳ୍ପୀ କେଶୁଦାସ କର୍ମଶାଳାରେ ଏକମାତ୍ର ଶିଳ୍ପୀ ଭାବେ ଯୋଗଦେଇ ସ୍ୟାଣ୍ଡ ଆନିମେଶନ ମାଧ୍ୟମରେ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ବାର୍ତ୍ତା ଦେଇ ଦୃଷ୍ଟି ଆକର୍ଷଣ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ଯୁବ ନୀଳରକ୍ତ ଗବେଷକ ସନାତନ ଟୁଡୁ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ ପାଠ କରିଥିଲେ। ଓଡିଶାର ପ୍ରଥମ ନୀଳରକ୍ତ କଙ୍କଡ଼ାର ଗବେଷକ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଜୟନ୍ତ କୁମାର ମିଶ୍ର କର୍ମଶାଳାର ପ୍ରାକ୍ ସୂଚନା ପ୍ରଦାନ କରିବା ପାଇଁ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜେଡ୍.ଏସ୍ ଆଇ. କଲିକତାର ଡ. ବାସୁଦେବ ତ୍ରିପାଠୀ, ସେକ୍ ସାଜନ, ଭୁବନେଶ୍ୱରୀ ବଳ, ଫକୀରମୋହନ କଲେଜର ନୃତତ୍ତ୍ୱ ବିଭାଗର ଅଧ୍ୟାପିକା ସସ୍ମିତା ଦାଶ ପ୍ରମୁଖ ଓଡିଶାରୁ ଯୋଗଦେଇ ଭାରତୀୟ ନୀଳରକ୍ତ କଙ୍କଡ଼ା ଆଧାରିତ ସନ୍ଦର୍ଭ ମାନ ପାଠ କରିଥିଲେ । କର୍ମଶାଳା ଦକ୍ଷିଣ ଚୀନର ଗୁଆଙ୍ଗସି ପ୍ରଦେଶର କିନଜୋ ସିଟିର ବେଇବୁ ଗଲ୍ଫ ବିଶ୍ୱବିଦ୍ୟାଳୟରେ ୩ଦିନ ସନ୍ଦର୍ଭ ପାଠ ଓ ପୋଷ୍ଟର ପ୍ରଦର୍ଶନୀ ଆୟୋଜିତ ହୋଇଥିବା ବେଳେ ବେଇବୁ ଗଲ୍ଫ ଉପକୂଳ ବିହାଇ ସହରରେ ପ୍ରତ୍ୟକ୍ଷ କ୍ଷେତ୍ର ନିରୀକ୍ଷଣ, ନୀତି ନିର୍ଦ୍ଧାରଣ ଓ ଆଗାମୀ କାର୍ଯ୍ୟଧାରା ଆଧାରିତ କର୍ମଶାଳା ଆୟୋଜିତ ହୋଇଥିଲା । ଆମେରିକା, ଚୀନ, ଜାପାନ, ମାଲେସିଆ, ହଂକଂ, ଇଣ୍ଡୋନେସିଆ, ବ୍ରହ୍ମଦେଶ, ଥାଇଲାଣ୍ଡ, ଡେନମାର୍କ, ଭିଏତନାମ ପ୍ରମୁଖ ଦେଶରୁ ୧୪୦ରୁ ଅଧିକ ନୀଳରକ୍ତ ଉପରେ ଆଧାରିତ କାର୍ଯ୍ୟ କରୁଥିବା ସଙ୍ଗଠନ, ଗବେଷକ, ଶିଳ୍ପୀ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହାକୁ ବେଇବୁ ଗଲ୍ଫ ବିଶ୍ୱବିଦ୍ୟାଳୟ ଓ ବିଆରସି ପ୍ରମୁଖ ଅନୁଷ୍ଠାନ ସହଯୋଗ କରିଥବା ବେଳେ କର୍ମଶାଳାର ଅଧ୍ୟକ୍ଷ ପାଉଲ ସିନ, ମାର୍କ ବଟନ୍, କିଟ ୟୁ ବିଲୀ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ଆନନ୍ଦପୁର, ୨୪।୬(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ବାରୁଆଁ ଗ୍ରାମ ପୋଖରୀରେ ବୁଡି ଜଣେ ୬ ବର୍ଷର ନାବାଳକଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ମୃତ ନାବାଳକ ହେଉଛନ୍ତି ବାଲେଶ୍ୱର ଜିଲା ସୋରୋ ସୁରବାଗୁଡି ଗ୍ରାମର ବଙ୍ଗାଳି ବେହେରାଙ୍କ ପୁଅ ରୋହିତ ବେହେରା (୬)। ରଜ ଛୁଟିରେ ରୋହିତ ନିଜ ମାମୁଁ ଘର ବାରୁଆଁ ଗ୍ରାମକୁ ଆସିଥିବାବେଳେ ସୋମବାର କେତେକ ପିଲାଙ୍କ ସହିତ ଗ୍ରାମ ନିକଟ ପୋଖରୀରରେ ଗାଧୋଇଥିବା ବେଳେ ଗୋଡ ଖସିଯାଇଥିଲା। ସେ ବୁଡି ଯାଉଥିବା ଦେଖି ନିକଟରେ ଥିବା କିଛି ମହିଳା ପାଟି କରିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ତଣ୍ଟିରେ ଖେଳନା ଲାଗି ଶିଶୁଙ୍କ ଜୀବନ ଗଲା

ହାଟଡିହୀ, ୨୪।୬ (ଡି.ଏନ୍.ଏ.)- କେନ୍ଦୁଝର ଜିଲା ନନ୍ଦିପଦା ଥାନା ଆମ୍ବୋ କୋଳିପଦି ଗ୍ରାମର ବିଦ୍ୟାଧର ଜେନାଙ୍କର ବର୍ଷକର ଝିଅ ସୁଚିତ୍ରା ଜେନା (ଖୁସି) ଚିପ୍ସରୁ ବାହାରୁଥିବା ଖେଳନାକୁ ଗିଳିଦେଇଥିଲେ। ସେଥିରେ ସେ ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏପରି ଚିପ୍ସ ଖେଳନା ମଧ୍ୟରେ ନ ରହିବା ସ୍ଥାନୀୟବାସୀ ପ୍ରକାଶ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

ହାଟଡିହି, ୨୪।୬(ଡି.ଏନ୍.ଏ.)- କେନ୍ଦୁଝର ଜିଲା ନନ୍ଦିପଦା ଥାନା ଲଇଛନପୁର ଗ୍ରାମର କହ୍ନେଇ ଦେହୁରୀ(୫୪) ଦିନ ପ୍ରାୟ ୧୧ଟାରେ ନିଜ ବିଲରେ କାମକରୁଥିବା ସମୟରେ ଅଚେତ ହୋଇପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ଉଦ୍ଧାର କରିବା ପରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପରିବାର ଲୋକେ ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଅଭିଯୋଗ କରିଛନ୍ତି।

### ସାରକୋଣା ଶାସନ ଗାଁ ରାସ୍ତା ବିପର୍ଯ୍ୟସ୍ତ

ବଉଳା,୨୪।୬(ଡି.ଏନ.ଏ.)- ସରକାର ରାସ୍ତାଗୁଡ଼ିକୁ ଯାତାୟାତର ସୁବିଧା ପାଇଁ କୋଟିକୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏବେବି ବହୁ ଗ୍ରାମ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ରାସ୍ତା ନିର୍ମାଣ ହୋଇପାରୁ ନ ଥିବାରୁ ଅଳ୍ପ ବର୍ଷାହେଲେ ଗାଁ ଲୋକେ ଯିବା କଷ୍ଟକର ହୋଇପଡୁଛି। ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତ ସାରକୋଣା ଶାସନର ଆର୍‌ଡି ରାସ୍ତାଠାରୁ ଗାଁ ପର୍ଯ୍ୟନ୍ତ ୧ କି.ମି. ରାସ୍ତା ବର୍ଷା ହେଲେ କାଦୁଅ ପଚ ପଚ ହେଉଛି। ଫଳରେ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଅନୁଦାନ ଯୋଗାଇ ମୋରମ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରଥଯାତ୍ରା ପାଇଁ ପହଣ୍ଡିଆ ସେବକ ବୈଠକ

କେନ୍ଦୁଝର,୨୪।୬(ଡି.ଏନ୍.ଏ./ସ୍ୱ.ପ୍ର.)- କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ପାଇଁ ପହଣ୍ଡିଆ ସେବକମାନଙ୍କର ଏକ ବୈଠକ ରବିବାର ସନ୍ଧ୍ୟାରେ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ସୋମନାଥ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଗୁଣ୍ଡିଚା ଯାତ୍ରା, ଗୁଣ୍ଡିଚା ମନ୍ଦିର ବିଜେ, ବାହୁଡାଯାତ୍ରା, ହେରା ପଞ୍ଚମୀ ଓ ମନ୍ଦିର ବିଜେରେ ପହଣ୍ଡି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସମୟାନୁଯାୟୀ କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ସହକାରୀ ଉପଜିଲାପାଳ ସୁବୋଧ ଦାଶ, ମନ୍ଦିରର ବରିଷ୍ଠ କର୍ମଚାରୀ ଦ୍ୱାରିକା ପ୍ରସାଦ ରଥ, ରାଜକିଶୋର ପଣ୍ଡା, ରାଜପୁରୋହିତ ତଥା ବ୍ରାହ୍ମଣ ସମାଜର ସମ୍ପାଦକ ପ୍ରସନ୍ନ କୁମାର ନନ୍ଦ, ନରସିଂହପୁର ଶାସନର ଜନ୍ମେଜୟ ଦ୍ୱିବେଦୀ, ଜ୍ଞାନରଞ୍ଜନ ପତି, ବିଶେଶ୍ୱରପୁର ଶାସନର ବିଷ୍ଣୁପ୍ରସାଦ ଦାଶ, ଢେଙ୍କାପୁର ଶାସନର ବିପିନ ଦାଶ, ଜନାର୍ଦ୍ଦନପୁର ଶାସନର କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ପହଣ୍ଡିଆ ସେବକମାନେ ଉପସ୍ଥିତ ଥିଲେ।

### ରକ୍ତଦାନ କରି ପାଳିଲେ ବିବାହ ବାର୍ଷିକୀ



ଚମ୍ପୁଆ,୨୪।୬(ଡି.ଏନ.ଏ.)- ବିବାହ ବାର୍ଷିକୀ ଭଳି ଏକ ମହତ୍ତ୍ୱପୂର୍ଣ୍ଣ ଦିବସକୁ ପ୍ରାୟ ସମସ୍ତେ ଧୁମଧାମରେ ପାଳନ କରୁଥିବା ବେଳେ ରେଡ୍‌କ୍ରସ୍‌କୁ ୨ ୟୁନିଟ ରକ୍ତଦାନ କରି ବିବାହ ବାର୍ଷିକୀକୁ ନିରାଡମ୍ବର ଭାବେ ପାଳନ କରିଥିବା ଦମ୍ପତିଙ୍କୁ ନେଇ ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ ବଡବିଲ ରୁଙ୍ଗ୍‌ଟା କମ୍ପାନୀରେ ଜିଓଲୋଜିଷ୍ଟ ଭାବେ କାମ କରୁଥିବା ମାନସ ରଞ୍ଜନ ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ସଂଯୁକ୍ତା ପଟ୍ଟନାୟକ ସୁଦୂର ବଡବିଲରୁ ଆସି ବିବାହ ବାର୍ଷିକୀ ଉପଲକ୍ଷେ ଚମ୍ପୁଆ ରକ୍ତଭଣ୍ଡାରକୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମାନସଙ୍କ ଘର ଢେଙ୍କାନାଳ ଜିଲାରେ ହୋଇଥିବା ବେଳେ ଉଭୟ ଗାୟତ୍ରୀ ପରିବାରର ସଦସ୍ୟ ଭାବେ ସମାଜସେବାରେ ନିଜକୁ ବ୍ରତୀ କରିପାରିଛନ୍ତି। ରକ୍ତଦାନ ଏକ ମହତ୍ ଦାନ ଆମ୍ଭେ ଆଜି ଭଳି ଦିନରେ ଏହି ଦାନ କରି ବେଶ୍ ଖୁସି ଅଛୁ ବୋଲି ଉଭୟ ପ୍ରକାଶ କରିଛନ୍ତି। ରକ୍ତଭଣ୍ଡାର ଡାକ୍ତର ଜ୍ୟୋତି ରଞ୍ଜନ ମଲ୍ଲିକଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କର ଏତାଦୃଶ ମନୋଭାବକୁ ସାଧୁବାଦ ଜଣାଇଛନ୍ତି।

# ୬ ଅନାଥ ଭଉଣୀଭାଇ ନିରାଶ୍ରୟ

- ମିଳୁନି ସରକାରୀ ସହାୟତା
- ବାପାଙ୍କ ପରେ ଚାଲିଗଲେ ମା'
- ପେଟ ପାଇଁ ଲାଗିବେ ମୂଲ

କେନ୍ଦୁଝର, ୨୪।୬ (ସ୍ୱ.ପ୍ର.)



ଅନାଥ ହୋଇଯାଇଥିବା ଶିଶୁ।

ଅନାଥ ହୋଇପଡ଼ିଛନ୍ତି ୬ ଭାଇଭଉଣୀ। ସରକାର ଶିଶୁ ମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ଏହି ଶିଶୁମାନେ ସବୁ ପ୍ରକାର ଯୋଜନାରୁ ବଞ୍ଚିତ ହୋଇପଡ଼ିଛନ୍ତି। ଭାଗ୍ୟର ବିଡ଼ମ୍ବନା ଦେଖ ବାପାଙ୍କ ମୃତ୍ୟୁ ପରେ ସେମାନଙ୍କ ମା'ମଧ ପ୍ରାଣ ହରାଇଛନ୍ତି। ଜୀବନ ସଂଘର୍ଷରେ ଏବେ ୬ ଶିଶୁଙ୍କୁ ଏବେ ଏକାକୀ ବାଟ ଚାଲିବାକୁ ପଡ଼ିବ। ଏଭଳି ଘଟଣା ଘଟିଛି ସାହାରପଡା ବ୍ଲକ ଲୁଙ୍ଗା ଗ୍ରାମ ମୁଣ୍ଡା ସାହିରେ। ୬ ଜଣ ଶିଶୁ ଅନାଥ ହୋଇଯାଇଥିବାରୁ ପାଠ ପଢ଼ା ଛାଡି ପେଟପାଟଣା ପାଇଁ ପର ଘରେ କାମ କରିବାକୁ ନିଷ୍ପତ୍ତି ନେଉଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ତାଙ୍କ ବାପା ବିକ୍ରମ ମୁଣ୍ଡା ଟିବି ରୋଗରେ ପିଡ଼ୀତ ହୋଇ ଅର୍ଥାଭାବରୁ ଚିକିତ୍ସିତ ନ ହୋଇ ୨ ବର୍ଷ ତଳେ ଆଖି ବୁଜି ଥିଲେ। ତାଙ୍କର ୫ ଝିଅ ଓ ଗୋଟିଏ ପୁତ୍ର ସନ୍ତାନ ଥିଲେ। ମା' ସମ୍ବାରୀ ମୂଲଲାଗି ତାଙ୍କର ୬ ସନ୍ତାନଙ୍କ ପ୍ରତିପୋଷଣ ବହୁ କଷ୍ଟରେ କରିଆସୁଥିଲେ। ସେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମଧ ପିଲାଙ୍କ ପ୍ରତିପୋଷଣ ପାଇଁ କଠିନ କାମ କରି କରୁଥିଲେ। ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଚଳିତ ମାସ ୧୪ ତାରିଖରେ ସମ୍ବାରୀ ପ୍ରାଣ ହରାଇଛନ୍ତି।

ବଡ ଝିଅ ଜାନକୀ ମୁଣ୍ଡା ବହୁ କଷ୍ଟରେ ମାଟ୍ରିକ ପାସ କରିଥିବା ବେଳେ ତା ତଳ ଝିଅ ବାଲମା ୯ମରେ ପଢୁଛନ୍ତି। ତୃତୀୟ ଝିଅ ମେ ୮ମରେ ଏବଂ ୪ର୍ଥ ଝିଅ ମଙ୍ଗୁଳି ୭ମରେ ପଢୁଛନ୍ତି। ୫ମ ପୁଅ କୃପାସିନ୍ଧୁ ୩ୟ ଓ ୬ଷ୍ଠ ଝିଅ ଲିଲିମଣୀ ମୁଣ୍ଡା ୨ୟ ଶ୍ରେଣୀରେ ପଢୁଥିଲେ। ବାପା ପରେ ମା'ଙ୍କ ଦେହାନ୍ତ ପରେ ଅନାଥ ଶିଶୁ ମାନେ ଏବେ ପାଠ ଛାଡି ପେଟ ପାଇଁ ମୂଲମଜୁରୀ (ଶିଶୁଶ୍ରମିକ) କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏଭଳି ନିଷ୍ପତ୍ତିକୁ ନେଇ ସ୍ଥାନୀୟ ସାମାଜିକ କର୍ମୀ କେଦାର ଆରୁକ ସେମାନଙ୍କୁ ବୁଝାଶୁଝା କରି ଅନାଥାଶ୍ରମରେ ବା ଆଶ୍ରମ ବିଦ୍ୟାଳୟରେ ରହି ପାଠ ଜାରି ରଖିବାକୁ କହିଥିଲେ। କନ୍ୟା ରତନ, କର ଯତନ ସ୍ଲୋଗାନ ଦିଆଯାଉଥିବା ବେଳେ ଏହି ଆଦିବାସୀ କନ୍ୟା ଶିଶୁ ମାନେ ସରକାରୀ ସହାୟତାରୁ ବଞ୍ଚିତ ରହୁଥିବାରୁ ଅସନ୍ତୋଷ ଦେଖାଦେଉଛି। ଘରର ମୂରବୀଙ୍କ ଦେହାନ୍ତ ପରେ ନ୍ୟାଶନାଲ ଫ୍ୟାମିଲି ବେନିଫିଟ ଯୋଜନାରେ ସହାୟତା ବ୍ୟବସ୍ଥା ଥିଲେ ମଧ ଏହି ଅନାଥ ଶିଶୁମାନଙ୍କୁ କୌଣସି ପ୍ରକାର ସହାୟତା ମିଳୁ ନାହିଁ। ଏଣୁ ଏନେଇ ତୁରନ୍ତପଦକ୍ଷେପ ନେବାକୁ ଦାବି ହେଉଛି। ଶିଶୁ କଲ୍ୟାଣ ସମିତି ଏନେଇ ତୁରନ୍ତ ପଦକ୍ଷେପ ନେଇ ଅନାଥ ଶିଶୁଙ୍କୁ ସହାୟତା କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ୭ଫୁଟ ଲମ୍ବର ଅଜଗର ଉଦ୍ଧାର

ହାଟଡିହୀ, ୨୪।୬(ସ୍ୱ.ପ୍ର.)



ହାଟଡିହୀ ବ୍ଲକ ନିକଟସ୍ଥ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ପଞ୍ଚାୟତର ମଲାରପଦା ଗାଁ ରୁ ସୋମବାର ୭ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର ହୋଇଛି। ଏହି ଗାଁ ର ଚନ୍ଦ୍ରକାନ୍ତ ରାଉତଙ୍କ ବାଡିରୁ ଏହି ସାପଟି ବାହାରିଥିଲା। ଗାଁ ଲୋକେ ଦେଖି ସଙ୍ଗେସଙ୍ଗେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ସେହି ଗାଁ ର ବାପି ନାୟକ ନାମକ ଯୁବକ ସାପଟିକୁ କାବୁ କରିନେଇଥିଲେ। ଗ୍ରାମବାସୀ ସଙ୍ଗେସଙ୍ଗେ ବନବିଭାଗକୁ ଜଣାଇଥିଲେ। ଖବର ପାଇ ବନବିଭାଗ ଅଧିକାରୀ ରେଞ୍ଜର ସୁରେନ୍ଦ୍ର ହେମ୍ବ୍ରମ କାଠକଟା ସେକ୍ସନ ଫରେଷ୍ଟର ଅନନ୍ତ ପରିଡାଙ୍କୁ ତୁରନ୍ତ ପଠାଇଥିଲେ। ସାପଟିକୁ ଉଦ୍ଧାର କରି ଫରେଷ୍ଟର କାଠକଟା ଜଙ୍ଗଲରେ ଛାଡିଦେଇଥିଲେ।

# ହାତୀ ସୁରକ୍ଷା ପାଇଁ ସଚେତନତା ସଭା

ଆନନ୍ଦପୁର, ୨୪।୬(ସ୍ୱ.ପ୍ର.)

ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଦେଓଗାଁ ରେଞ୍ଜର ଗଦିଆଁଠାରେ ହାତୀ ସୁରକ୍ଷା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଡିଏଫ୍‌ଓ ଅଜିତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହାତୀ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏଥିରେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁରର ଶହେଟି ବନ ସଂରକ୍ଷଣ ସମିତିର ସଭ୍ୟା, ସଭ୍ୟ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକାୟୁକ୍ତ ସଦସ୍ୟ ତଥା ପୂର୍ବତନ ପିସିସିଏଫ୍ ଦେବବ୍ରତ ସ୍ୱାଇଁ ଯୋଗଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା, ଦୁର୍ନୀତିମୁକ୍ତ ସମାଜ ଗଠନ, ନିଶା ନିବାରଣ, ନାରୀ ସମାଜକୁ ଉଚିତ ସମ୍ମାନ ପ୍ରଦାନ ଆଦି ବିଷୟରେ ଆଲୋକପାତ କରିବା ସହିତ ଉପସ୍ଥିତ ବନ ବିଭାଗ କର୍ମଚାରୀ ଏବଂ ବନସୁରକ୍ଷା ସମିତି ସଭ୍ୟାସଭ୍ୟମାନଙ୍କୁ ଶପଥପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଏସିଏଫ୍ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରିବେଶବିତ୍ ନୃସିଂହ ଚରଣ ଧୀର, ରେଞ୍ଜର ଭୁବନାନନ୍ଦ ମହାପାତ୍ର, ସୁରେନ୍ଦ୍ର ନାଥ ହେମ୍ବ୍ରମ୍, ମାର୍ଶାଲ କିସ୍କୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବନପାଳ, ବନରକ୍ଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଦଶକାଠିଆ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଉପରେ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ନୃସିଂହ ଚରଣ ଧୀର ଧନ୍ୟବାଦ ଅର୍ପଣ କରିଥିଲେ।

# ଆବର୍ଜନାରେ ଭର୍ତ୍ତି ଝୁମ୍ପୁରା ବଜାର ରାସ୍ତା



ବଜାରକୁ ସଂଯୋଗ କରୁଥିବା ରାସ୍ତାରେ ଆବର୍ଜନା।

ଝୁମ୍ପୁରା, ୨୪।୬ (ଡି.ଏନ.ଏ.)

କେନ୍ଦୁଝର ଜିଲାର ଝୁମ୍ପୁରା ବଜାର, ପରିବା ମାର୍କେଟ, ସାପ୍ତାହିକ ହାଟ ବସୁଥିବା ଜାଗା, ଝୁମ୍ପୁରା ବଜାରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ କୁଢ କୁଢ ଆବର୍ଜନା ଭର୍ତ୍ତି ହୋଇଛି। ବର୍ଷା ହେଲେ ଏହି ଆବର୍ଜନା ରାସ୍ତାରେ ଭାସୁଛି। ଖରାହେଲେ ଆବର୍ଜନା ପବନରେ ଉଡୁଛି। ସମୟ ସମୟରେ ବର୍ଷା ହେଉଥିବାରୁ ଆବର୍ଜନା ପଚି ଶଢି ବିଷାକ୍ତ ପରିବେଶ ସୃଷ୍ଟି କରିଛି। ଅନ୍ୟ ପକ୍ଷରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ମଧ ବଢ଼ି ଚାଲିଛି। ଏହାର ପଦକ୍ଷେପ ନିଆ ନ ଗଲେ, ଯେ କୌଣସି ସମୟରେ ସାହି, ବସ୍ତୀ ଅଞ୍ଚଳରେ ଡାଇରିଆ ବ୍ୟାପିବାର ସମ୍ଭାବନା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ଝୁମ୍ପୁରା ବଜାର ଅଞ୍ଚଳର କିଛିକାଂଶ ଆରଏମସିର ନିୟନ୍ତ୍ରଣରେ ରହିଥିବାବେଳେ, ଅନ୍ୟ କିଛି ଅଂଶ ଝୁମ୍ପୁରା ପଞ୍ଚାୟତ ଅଧୀନରେ ରହିଛି। ଆରଏମସି ଅଧୀନରେ ଥିବା ଦୋକାନ ଘର ଗୁଡିକରୁ ଘରଭଡା ଆଦାୟ ସହିତ, ଡେଲି ମାର୍କେଟ ଏବଂ ସାପ୍ତାହିକ ହାଟରୁ ମହାସୁଲ ଆଦାୟ କରାଯାଇଥାଏ। ସେହିପରି ପଞ୍ଚାୟତ ଅଧୀନରେ ଥିବା ଦୋକାନ ଘର ଗୁଡିକରୁ ପଞ୍ଚାୟତ ଘର ଭଡା ଆଦାୟ କରିଥାଏ। ନିୟମ ଅନୁଯାୟୀ ଝୁମ୍ପୁରା ବଜାର ଉପରେ ଆରଏମସି ଏବଂ ପଞ୍ଚାୟତର ନିୟନ୍ତ୍ରଣ ରହିଥିବାରୁ, ବଜାରକୁ ଆସୁଥିବା ଚାଷୀ, ଗ୍ରାମାଞ୍ଚଳ ବାସିନ୍ଦାଙ୍କୁ ବ୍ୟବସାୟ ପାଇଁ ସୁବ୍ୟବସ୍ଥା କରିବା, ପାନୀୟ ଜଳ ଯୋଗାଇ ଦେବା, ପରିବେଶ, ପରିମଳର ସ୍ୱଚ୍ଛତା ପାଇଁ ବିଶେଷ ଧ୍ୟାନ ଦେବା ଆରଏମସି ଏବଂ ପଞ୍ଚାୟତର କାର୍ଯ୍ୟ ହେଲେ ବାରମ୍ବାର ଅଭିଯୋଗ ପରେ ମଧ କେବଳ ପ୍ରତିଶ୍ରୁତିରେ କାମ ଚଳାଇ ରଖିଛନ୍ତି। ଏସମ୍ପର୍କରେ ଚମ୍ପୁଆସ୍ଥିତ ଆରଏମସି ସେକ୍ରେଟାରୀ ତଥା ଡେପୁଟି ଉପଜିଲାପାଳ ସପନ କୁମାର ସାହୁଙ୍କୁ ପଚାରିବାରୁ ଝୁମ୍ପୁରା ବଜାର, ହାଟ ମହାସୁଲ ଆଦାୟର ସିଂହଭାଗ ଝୁମ୍ପୁରା ପଞ୍ଚାୟତକୁ ଦିଆଯାଉଛି। ଚଳିତ ବର୍ଷ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆରଏମସି ପକ୍ଷରୁ ଝୁମ୍ପୁରା ପଞ୍ଚାୟତକୁ ଦେବା ସହିତ ବଜାର ଏବଂ ବଜାରକୁ ସଂଯୋଗ କରୁଥିବା ରାସ୍ତା ଗୁଡିକରୁ ଆବର୍ଜନା ସଫା କରିବା ପାଇଁ ମଧ କୁହାଯାଇଛି। ଅନ୍ୟପକ୍ଷରେ ଝୁମ୍ପୁରା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମହାନ୍ତ କହିଛନ୍ତି ଯେ, ରାସ୍ତା ବଜାର ସଫା ବେଳେ ବେଳେ କରାଯାଉଛି। ରାସ୍ତା ଉପର ଆବର୍ଜନା ମଧ ସଫା କରାଯିବ। କାମର ବ୍ୟସ୍ତତା ନେଇ ଆବର୍ଜନା ସଫା ହୋଇ ପାରିନାହିଁ। ସରପଞ୍ଚ ବୈଜୟନ୍ତୀ ନାଏକ ମଧ ଏସମ୍ପର୍କରେ ଅନୁରୂପ ମନ୍ତବ୍ୟ ଦେଇଛନ୍ତି।

# ଉଜ୍ଜ୍ୱଳ ଉତ୍‌ଥାନ କାର୍ଯ୍ୟକ୍ରମର ସମୀକ୍ଷା

ହାଟଡିହୀ, ୨୪।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ଶିକ୍ଷା ଜିଲାରେ ଉଜ୍ଜ୍ୱଳ ଉତ୍‌ଥାନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯିବା ସହ ବିଇଓ, ଏବିଇଓ, ବିଆରସିସି, ସିଆରସିସିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓପେପା ସାଥ ଇ ମେମ୍ବର ଅଜିତ ମହାନ୍ତି ବୈଠକରେ ଉଜ୍ଜ୍ୱଳ ଉତ୍‌ଥାନ କାର୍ଯ୍ୟକ୍ରମର ସମୀକ୍ଷା ସହ ଅନୁଧ୍ୟାନ କରିଥିଲେ। ବିଇଓ ଶରତ ରାଉତ, ଏବିଇଓ ସୁରେଶ ଜେନା, ସୁରଥ ସାହୁ, ବିଆରସିସି ବିନୋଦ ବିହାରୀ ରାଉତଙ୍କ ସମେତ ମହାନ୍ତି ପ୍ରଥମେ ମରୈଗାଁ, ହାଟଡିହୀ, ଜଳକଳଙ୍ଗ ଓ ଅଣା ପ୍ରମୁଖ ବିଦ୍ୟାଳୟକୁ ଯାଇ ଉଜ୍ଜ୍ୱଳ ଉତଥାନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଠିକ ଭାବରେ ପାଠ୍ୟ ପୁସ୍ତକ ପାଉଛନ୍ତି କି ନାହିଁ ଏବଂ ଶିକ୍ଷାଦାନ ଠିକ ଭାବେ ଚାଲୁଛି କି ନାହିଁ ସେ ବିଷୟରେ ସମୀକ୍ଷା କରିଥିଲେ। ପରେ ଶିକ୍ଷା ଜିଲା ଅଫିସ ପରିସରରେ ଆନନ୍ଦପୁର ବ୍ଲକର ୧୦ ଜଣ ସିଆରସିସି ଓ ହାଟଡିହୀ ବ୍ଲକର ୨୦ ଜଣ ସିଆରସିସିଙ୍କୁ ନେଇ ଏକ ବୈଠକ କରାଇଥିଲେ। ବୈଠକରେ ସିଆରସିସିଙ୍କୁ ଉଜ୍ଜ୍ୱଳ ଉତ୍‌ଥାନ କାର୍ଯ୍ୟକ୍ରମ କିଭଳି ଠିକ ଭାବେ ଚାଲିବ ତାହା ଉପରେ ଆଲୋଚନା କରିଥିଲେ। ଶତ୍ରୁଘ୍ନ ସାହୁ, ଜଗଦାନନ୍ଦ ନାୟକ, ରଜତ ଦତ, ଦିଲୀପ ଦାସ, ନରହରି ବେହେରା, ରତ୍ନାକର ସାହୁ, ପ୍ରଭାକର ବେହେରା, ଶ୍ରୀକାନ୍ତ ସେଠୀ, ବିଜୟ ସା, କେଶବ କର, ମୃତ୍ୟୁଞ୍ଜୟ ନନ୍ଦ, ଶ୍ୟାମାନନ୍ଦ ଦାସ, ନିରୋଜ ପଟ୍ଟନାୟକ, ସୁବାଷ ଚନ୍ଦ୍ର ପାତ୍ର, ହେମନ୍ତ ବେହେରା ପ୍ରମୁଖ ସିଆରସିସିମାନେ ଉପସ୍ଥିତ ଥିଲେ।

## ■ ଟ୍ରକ୍ ଧକ୍କାରେ ଜଣେ ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



ଘଟଣାସ୍ଥଳକୁ ପୋଲିସ ଯାଇ ବୁଝାଶୁଝା କରୁଛି।

କେନ୍ଦୁଝର, ୨୪।୬(ସ୍ୱ.ପ୍ର./ ଡି.ଏନ.ଏ.)

ସହର ଦେଇଯାଇଥିବା କଲିକତା–ମୁମ୍ବାଇ ୪୯ ନମ୍ବର ଜାତୀୟରାଜପଥ ମାଧପୁର ନିକଟରେ ସୋମବାର ଅପରାହ୍ନ ପ୍ରାୟ ୩ ଟାରେ ଏକ ଲାଇନ ଟ୍ରକ ଚାପି ଦେବାରୁ ଜଣେ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱର ମୁଖାର୍ଜି (୩୨)। ତାଙ୍କ ମୃତ୍ୟୁକୁ ନେଇ ରାସ୍ତାରେ ଉତ୍ତେଜନା ହୋଇଥିବାବେଳେ ଉତ୍ତ୍ୟକ୍ତ ଲୋକ ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାଜପଥରେ ଯାତାୟାତ ବ୍ୟାହାତ ହୋଇଥଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଭୁବନେଶ୍ୱର ତାଙ୍କ ପରିବାର ଲୋକଙ୍କ ସହ ମାରୁତି କାରରେ ପଶ୍ଚିମବଙ୍ଗର ପୁରୁଲିଆଠାରୁ କେନ୍ଦୁଝର ଦେଇ ତାଳଚେର ଯାଉଥିଲେ। ସେ ନିଜେ ଗାଡି ଚଲାଉଥିବାବେଳେ ତାଙ୍କ ସହିତ ବାପା ଚଣ୍ଡି ଚରଣ ମୁଖାର୍ଜୀ, ସ୍ତ୍ରୀ ମିତା, ଝିଅ ଅନୁ ସାଥିରେ ଥିଲେ। ସେମାନଙ୍କ ଘର ପୁରୁଲିଆ ଅଞ୍ଚଳରେ। ମାଧପୁର ମୋଟିବନ୍ଧ ହାଇସ୍କୁଲ ନିକଟରେ କାର ରଖି ପାଖ ଦୋକାନକୁ ଥଣ୍ଡା ପାନୀୟ ଆଣିବାକୁ ଯାଇଥିଲେ। ପାଣି ଆଣି କାର ପାଖକୁ ଆସୁଥିବା ବେଳେ ପଛ ପଟୁ ଏକ ଲାଇନ ଟ୍ରକ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ପିଡ ବ୍ରେକର ଥାଇ ସହର ମଧ୍ୟରେ ଟ୍ରକଟି ଦ୍ରୁତ ଗତିରେ ଯାଇ ଧକ୍କା ଦେବା ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଛି। ଘଟଣାସ୍ଥଳରେ ଏସଡିପିଓ ଜେ. ଟପ୍ପୋ ଟାଉନଥାନା ଅଧିକାରୀ ସୋମନାଥ ଜେନା ପୋଲିସ ଫୋର୍ସ ସହିତ ପହଞ୍ଚି ରାସ୍ତା କାମ ଶେଷ କରିବା ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା।

# ଜିଲା ଲେଖିକା ସଂସଦର ମୌସୁମୀ ଆସର

କେନ୍ଦୁଝର, ୨୪।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଲେଖିକା ସଂସଦର ମୌସୁମୀ ଆସର ସମ୍ପାଦିକା ଇନ୍ଦୁମତୀ ପାତ୍ରଙ୍କ ଗୌରତୋଟାସାହିସ୍ଥ ବାସଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ଇନ୍ଦୁମତୀ ପାତ୍ର ଅଧକ୍ଷତା କରିଥିବାବେଳେ ବୀଣାପାଣି ଜେନା ଉଦ୍‌ଘାଟିକା ଏବଂ ବରିଷ୍ଠ ଲେଖିକା ସୌଦାମିନୀ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଥମେ ସମ୍ପାଦିକା ପ୍ରାକ୍ ମୌସୁମୀ କିପରି ନିଦାଘକ୍ଳିଷ୍ଟ ଜୀବନରେ ସ୍ନିଗ୍ଧତା ଆଣିଦିଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ଷା ଜୀବନର ପ୍ରତିରୂପ, ଜୀବନକାଳ ପାଇଁ ଆଶିଷ, ଏକଥା ବୀଣାପାଣି ଜେନା ନିଜ ଅଭିଭାଷଣରେ କହିଥିଲେ। ସହ ସମ୍ପାଦିକା ଶୋଭନା ଜେନା ପ୍ରକୃତିରାଣୀ ବର୍ଷାର ଅପୂରଣ କମନୀୟ ରୂପ ସମସ୍ତଙ୍କୁ କେତେ ବିଭୋର କରେ ସେ ସମ୍ପର୍କରେ ଆଲୋଚନା କରିଥିଲେ।

# ବଦଳୁନି ସୂଚନାବୋର୍ଡ

ଝୁମ୍ପୁରା, ୨୪।୬(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସୂଚନାର ଅଧିକାର ଅଧିନିୟମ–୨୦୦୫ର ଲେଖାଥିବା ସୂଚନା ବୋର୍ଡରେ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନାମ ଲେଖା ନ ଥିବାବେଳେ, ଜନ ସୂଚନା ଅଧିକାରୀ ବିଜୟା ନନ୍ଦ ବେହେରା ଗତ ୨୦୧୮ ଡିସେମ୍ବର ମାସରୁ ଅବସର ନେଲେଣି। ଏହି ଅସମ୍ପୂର୍ଣ୍ଣ ତଥା ଭୁଲ ତଥ୍ୟକୁ ସୂଚନା ବୋର୍ଡରେ ବର୍ତ୍ତମାନ ପର୍ଯ୍ୟନ୍ତ ସଜଡା ଯାଉନାହିଁ। ଝୁମ୍ପୁରା ବ୍ଲକରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକରେ ସୂଚନା ଅଧିକାରରେ ମଗାଯାଇଥିବା ତଥ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନ ଦେବା, ମଗାଯାଇଥିବା ତଥ୍ୟର ଅସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବା ଆଦି ଚାଲିଛି।ସବୁଠାରୁ ପରିତାପର ବିଷୟ ସରକାରୀ କର୍ମଚାରୀମାନେ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟାଳୟ ଆସୁ ନ ଥିବା ସ୍ଥଳେ, ଅଧିକାଂଶ କର୍ମଚାରୀ ଦୂରରେ ଥିବା ନିଜ ଘରୁ ଯିବା ଆସିବା ଚଳାଇ ରଖିଛନ୍ତି। ଫଳରେ କାର୍ଯ୍ୟାଳୟ ଗୁଡିକରେ କୌଣସି କାର୍ଯ୍ୟ ଠିକ ଭାବେ ହେଉ ନ ଥିବାବେଳେ ଲୋକ ସମ୍ପର୍କ ମଧ ରହୁନାହିଁ। ଏଥିଲାଗି ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଅସନ୍ତୁଷ୍ଟ ହୋଇ ଘରକୁ ଫେରୁଛନ୍ତି। ଅଭିଯୋଗ କଲେ ଅଧିକାରୀ ମାନଙ୍କ ଠାରୁ କିଛି ଉତ୍ତର ମିଳୁନାହିଁ। ଅସମ୍ପୂର୍ଣ୍ଣ ସୂଚନା ବୋର୍ଡର ଲେଖା ସମ୍ବନ୍ଧରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ୟସ୍ତତା ମଧ୍ୟରେ ଲେଖାଯାଇ ପାରିନାହିଁ ଉତ୍ତର ମିଳିଥିବା ବେଳେ, ବ୍ଲକ ଶିକ୍ଷାଧିକାରୀ ଦୁଃଶାସନ ସିଂ ଙ୍କ ସହିତ ଯୋଗାଯୋଗ ହୋଇ ପାରିନାହିଁ।




ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଲାଗିଥିବା ସୂଚନା ବୋର୍ଡ।

# ଚାହିଦା ଥିଲେ ବି ଅଲୋଡ଼ା

- ମିଳୁନି ଠିକ ପ୍ରୋତ୍ସାହନ
- ଜଙ୍ଗଲଜାତ ଦ୍ରବ୍ୟର ସଂରକ୍ଷଣ, ପ୍ରକ୍ରିୟାକରଣ ଦାବି

କେନ୍ଦୁଝର, ୨୪।୬ (ସ୍ୱ.ପ୍ର.)



କେନ୍ଦୁଝର ସହରରେ ଜଣେ ମହିଳା ଆମ୍ବଶଢା ବିକ୍ରି କରୁଛନ୍ତି।

ବଣପାହାଡ ଘେରା କେନ୍ଦୁଝର ଜିଲାରେ ଅନେକ ବନବାସୀ ଆଜି ବି ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଛନ୍ତି। ସେମାନେ ବିଭିନ୍ନ ଋତୁକାଳୀନ ଫଳ ସଂଗ୍ରହ କରି ହାଟବଜାରରେ ବିକି ତେଲଲୁଣ କିଣିଥାନ୍ତି। ଆମ୍ବ ଅମଳ ଋତୁରେ ସେମାନେ ସଂଗ୍ରହ କରୁଥିବା କଞ୍ଚା, ପାଚିଲା ଆମ୍ବକୁ ବିକ୍ରି କରିବା ସହ ବଳକା ଆମ୍ବରୁ ଆମ୍ବୁଲ, ଆମ୍ବଶଢା ଓ ଆଚାର ଆଦି ପ୍ରସ୍ତୁତ କରି ବିକିଥାନ୍ତି। ଜିଲା ଓ ଜିଲା ବାହାରେ ଏସବୁର ଚାହିଦା ଥିଲେ ମଧ ବଜାର ସୁବିଧା ଅଭାବରୁ ସେମାନେ ଏହାକୁ କମ୍ ଦରରେ ବେପାରୀଙ୍କୁ ବିକି କ୍ଷତି ସହୁଛନ୍ତି। ଆମ୍ବ ଭଳି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟର ସଂରକ୍ଷଣ ଓ ପ୍ରକ୍ରିୟାକରଣ ବ୍ୟବସ୍ଥା କରାଗଲେ ଆଦିବାସୀଙ୍କ ଆର୍ଥିକ ବିକାଶ ସମ୍ଭବ ହୋଇ ପାରନ୍ତା ବୋଲି ଅଞ୍ଚଳବାସୀ ଦାବି କରୁଛନ୍ତି। କିନ୍ତୁ ସରକାର ଓ ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରି ଚାଲିଛନ୍ତି।

କେନ୍ଦୁଝର ଜିଲାର ବଣଜଙ୍ଗଲରେ ବହୁ ସଂଖ୍ୟାରେ ଆମ୍ବ ଗଛ ରହିଛି। ବର୍ତ୍ତମାନ ବନବାସୀମାନେ ଜଙ୍ଗଲରୁ କଞ୍ଚା ପାଚିଲା ଆମ୍ବ ସଂଗ୍ରହ କରି ହାଟବଜାରକୁ ଆଣି ବିକ୍ରି କରୁଥିବା ଦେଖାଯାଉଛି। ବିଗତ କିଛି ବର୍ଷ ଧରି ଜିଲାରେ କଲମୀ ଆମ୍ବ ଚାଷର ପ୍ରସାର ପରେ ଦେଶୀ ଖଟାମିଠା ଆମ୍ବର ଚାହିଦା କ୍ରମେ କମି କମି ଚାଲିଛି। ବନବାସୀମାନେ ଆମ୍ବ ବିକି ପୂର୍ବଭଳି ଆଉ ଅର୍ଥ ଉପାର୍ଜନ କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ ବଳକା କଞ୍ଚା, ପାଚିଲା ଆମ୍ବରୁ ପାରମ୍ପରିକ ଶୈଳୀରେ ଆମ୍ବୁଲ, ଆମ୍ବଶଢା ଆଦି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ପାଚିଲା ଆମ୍ବରୁ ରସ ବାହାର କରି ତାହାକୁ ଖରାରେ ଶୁଖାଇ ଆମ୍ବଶଢା ପ୍ରସ୍ତୁତ କରାଯାଇଥାଏ। ଏହାର ଭଲ ଚାହିଦା ଥିଲେ ମଧ ସରକାରୀ ପ୍ରୋତ୍ସାହନ ଓ ବଜାର ସୁବିଧା ଅଭାବରୁ ବନବାସୀମାନେ ଏହାର ବ୍ୟବସାୟକୁ ଆଗେଇ ନେଇପାରୁ ନାହାନ୍ତି। ବର୍ତ୍ତମାନ ନାମୀଦାମୀ କମ୍ପାନୀ ଖାଦ୍ୟ ପ୍ରକ୍ରିୟାକରଣ ପଦ୍ଧତିରେ ଆମ୍ବଶଢା ପ୍ରସ୍ତୁତ କରି ସୁନ୍ଦର ଭାବେ ଏହାକୁ ପ୍ୟାକେଟ କରି ବଜାରରେ ବିକି ଲାଭବାନ ହେଉଛନ୍ତି। ବନବାସୀମାନେ ପାରମ୍ପରିକ ଭାବେ ପ୍ରସ୍ତୁତ କରୁଥିବା ଆମ୍ବସଢାରୁ ସେଭଳି ଲାଭ କରିପାରୁ ନାହାନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କରେ ବନବାସୀଙ୍କୁ ତାଲିମ ଦେବା ବ୍ୟବସ୍ଥା କରାଗଲେ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିପାରନ୍ତା ବୋଲି ପରିବେଶବିତ ହରେକୃଷ୍ଣ ମହାନ୍ତ କହିଛନ୍ତି। ଏ ସମ୍ପର୍କରେ ଓରମାସ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀଙ୍କୁ ପଚାରିବାରୁ ଉଦ୍ୟାନ ବିଭାଗ ସହାୟତାରେ ଆମ୍ବଶଢା ବ୍ୟବସାୟକୁ ଅଧିକ ବ୍ୟାପକ କରିବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି।